**ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ କଲୋନୀରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଠାରୁ ୨ଜଣ ଦୁର୍ବୃତ୍ତ ସୁନାଚେନ୍ ଲୁଟ୍ ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୧୮୦/୨୧) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ସସ୍ମିତା ବାରିକ ମଧୁବନସ୍ଥିତ ମାର୍କେଟ ବିଲ୍ଡିଂରୁ ଚାଲିଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଦୁର୍ବୃତ୍ତ ଦ୍ୱୟ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇଯାଇଥିଲେ।

## ସଂକ୍ଷେପରେ

### ପତ୍ରପୁର ପୋଲରୁ ନଦୀକୁ ଡେଇଁ ଯୁବକ ନିଖୋଜ

**ପଟ୍ଟାମୁଣ୍ଡାଇ,୧୬।୮(ସ୍ୱ.ପ୍ର.):** ସୋମବାରରେ ଜଣେ ଯୁବକ ପତ୍ରପୁର ବ୍ରାହ୍ମଣୀ ପୋଲ ଉପରୁ ହଠାତ୍ ନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ। ଯୁବକ ଜଣକ ସାଙ୍ଗରେ ନେଇ ଆସିଥିବା ସାଇକେଲକୁ ଚାବି ପକାଇ ପୋଲ ଉପରେ ରଖିଥିଲେ। ତତ୍‌କ୍ଷଣାତ ପିନ୍ଧିଥିବା ଏକ କଳା ରଙ୍ଗର ସାର୍ଟକୁ ଓହ୍ଲାଇ ସାଇକେଲ ଉପରେ ଥୋଇ ପୋଲର ୩ ନଂ. ପିଲର ନିକଟରେ ନଦୀ ମଧ୍ୟକୁ କୁଦା ମାରିଥିଲେ। ସେଠାରେ ମାଛ ଧରୁଥିବା କେତେଜଣ ବ୍ୟକ୍ତି ନଦୀ ମଧ୍ୟକୁ ଡେଇଁ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର କରିବାକୁ ଡଙ୍ଗି ସାହାଯ୍ୟରେ ଖୋଜାଖୋଜି କରିଥିଲେ ମଧ ପତା ମିଳି ନ ଥିଲା। ଏ ସମ୍ପର୍କରେ ଖବରପାଇ ପୋଲିସ ଏବଂ ପଟ୍ଟାମୁଣ୍ଡାଇ ଅଗ୍ନିଶମ ଅଧିକାରୀ ଗୋପବନ୍ଧୁ ସାହୁ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୋଟର ବୋଟ ଜରିଆରେ ଖୋଜାଖୋଜି କରିଥିଲେ। ସେ ହେଉଛନ୍ତି ପଟ୍ଟାମୁଣ୍ଡାଇ ପୋଖରୀଆପଡା ଗାଁର ମାନଗୋବିନ୍ଦ ଲେଙ୍କାଙ୍କ ପୁଅ ସନ୍ତୋଷ (୨୨) ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ସନ୍ତୋଷଙ୍କ ପୂର୍ବରୁ ମାନସିକ ବିକୃତ ଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ସନ୍ତୋଷଙ୍କ ବଡଭାଇ ରବୀନ୍ଦ୍ର ପଟ୍ଟାମୁଣ୍ଡାଇ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

### ଆଇନଜୀବୀ ଧାରଣା ଦେଲେ, କିରାଣିଙ୍କ ବଦଳି ହେଲା

**ରାଜନଗର,୧୬।୮(ଡି.ଏନ.ଏ.):** ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ବିନା ଉତ୍କୋଚରେ ଫାଇଲ ଘଞ୍ଚେନି। କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାସ୍କର ବେହେରା ବିଭିନ୍ନ କେଁ ଦେଖାଇ ଦଲିଲ କରାଇ ନ ଥାନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପୂର୍ବରୁ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଚୁପ ବସିଥିଲା। ସୋମବାର ରାଜନଗର ଓକିଲ ସଂଘର ଆଇନଜୀବୀମାନେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିରାଣି ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବଦଳି ଦାବିରେ ପ୍ରତୀକ ଧାରଣାରେ ବସିଥିଲେ। ଓକିଲ ସଂଘର ସଭାପତି ଉମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆଇନଜୀବୀ ଭଜକୃଷ୍ଣ ମିଶ୍ର, ମନ୍ମଥ ରାଉତ, ପ୍ରଦୀପ କୁମାର ଦାସ, ବିଶ୍ୱନାଥ ବାରିକ, ତ୍ରୈଲୋକ୍ୟ ନାଥ ସ୍ୱାଇଁ, ସୁଶାନ୍ତ କୁମାର ଜେନା, ବିନ୍ଦୁରେଖା ବେହେରା, ରଶ୍ମୀରଞ୍ଜିତା ସ୍ୱାଇଁ, ଅମର କୁମାର ଦାସ, ଅରୂପାନନ୍ଦ ପାତ୍ର, ନନ୍ଦିନୀ କୁମାର ନାଥ, ସୁଧାଂଶୁ ଶେଖର ସାହୁ, ନଳିନୀକାନ୍ତ ମଙ୍ଗରାଜ, ଦେବଦତ୍ତ ଦାସ, ରଞ୍ଜନ କୁମାର ସେଠୀ ପ୍ରମୁଖ ପୂର୍ବାହ୍ନ ୧୦ଟା ରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମଧାହ୍ନ ୧୨ଟାରେ ଜିଲା ରେଜିଷ୍ଟ୍ରେଶନ କାର୍ଯ୍ୟାଳୟର ଚିଠି ନଂ. ୧୯୪୫ରେ ୧୩।୮।୨୧ରେ ଭାସ୍କରଙ୍କ ପଟ୍ଟାମୁଣ୍ଡାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଓ ପଟ୍ଟାମୁଣ୍ଡାଇ ଉପନିବନ୍ଧକଙ୍କ କାର୍ଯ୍ୟାଳୟର ବସନ୍ତ କୁମାର ସାହୁଙ୍କ ରାଜନଗର କାର୍ଯ୍ୟାଳୟକୁ ବଦଳି ଅର୍ଡର ଆସିଥିଲା। ବଦଳି ଅର୍ଡର ମିଳିବା ପରେ ଆଇନଜୀବୀମାନେ ଧାରଣାରୁ ଉଠିଥିଲେ।

### କୋଭିଡ ଡ୍ୟୁଟି କରିଥିବା ଅଙ୍ଗନୱାଡି ସହାୟିକାଙ୍କୁ ମିଳୁନି ପ୍ରାପ୍ୟ

**ପଟ୍ଟାମୁଣ୍ଡାଇ,୧୬।୮(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ଅଙ୍ଗନୱାଡି ସହାୟିକା ସଂଘ ଆହ୍ୱାନରେ ସୋମବାର ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପରିସରରେ ସ୍ଥାନୀୟ ଅଙ୍ଗନୱାଡି ସହାୟିକା ସଂଘ ଶାଖା ପକ୍ଷରୁ ବୈଠକହୋଇଥିଲା। ସହାୟିକାଙ୍କ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାରୁ ପ୍ରଶାସନକୁ ସମାଲୋଚନା କରାଯାଇଥିଲା। ଜିଲା ଅଙ୍ଗନୱାଡି ସହାୟିକା ସଂଘ ସଭାପତି ବିନୟ କୁମାର ବୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦିକା ଲକ୍ଷ୍ମୀ ମଲିକ, ପଟ୍ଟାମୁଣ୍ଡାଇ ନଗର ଶାଖା ସଭାପତି ପୁଷ୍ପାଞ୍ଜଳି ମଲିକ, ସମ୍ପାଦିକା ଚନ୍ଦ୍ରକଳା ମଲିକ, ସହ ସମ୍ପାଦିକା ରଶ୍ମିତା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କରୋନା ପାଇଁ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବା ସହାୟିକାମାନେ ଆର୍ଥିକ ଅନାଟନ ମଧ୍ୟରେ କାଳ କାଟୁଛନ୍ତି। ଏଭଳି ସ୍ଥଳେ ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। କେନ୍ଦ୍ରାପଡା ଜିଲାପାଳ, ଡିଏସ୍‌ଡବ୍ଲ୍ୟୁଓ ଓ ପଟ୍ଟାମୁଣ୍ଡାଇ ସିଡିପିଓଙ୍କୁ ବାରମ୍ବାର ଜଣାଇଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏଥିସହ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମୀ ଓ ସହାୟିକାଙ୍କ ଡ୍ୟୁଟି ସମ୍ପର୍କରେ ଲିଖିତ ଭାବେ ଜଣାଇ ଦିଆଯିବା ସହ ସହାୟିକାଙ୍କୁ ସେମାନଙ୍କ ପାରିଶ୍ରମିକ ଦିଆଯାଉ ବୋଲି ବୈଠକରେ ଦାବି କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ସମସ୍ତ ସାମଗ୍ରୀ ଓ କେନ୍ଦ୍ର ଆକାଉଣ୍ଟ ଅର୍ଥର ସମସ୍ତ ବିବରଣୀ ସହାୟିକାଙ୍କୁ ପ୍ରଦାନ କରାଯିବାକୁ ଦାବି ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ଅଙ୍ଗନୱାଡି ସହାୟିକା ସଂଘର ଉପଦେଷ୍ଟା ସୁଦାମ ଚରଣ ମଲିକ ଯୋଗ ଦେଇଥିଲେ।

# ମିଳିତ ବିରୋଧୀ ଦଳ ପକ୍ଷରୁ ୧୭ରେ ବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ, ୧୬।୮**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ କେନ୍ଦ୍ରାପଡ଼ା ଜିଲାରେ ଥମିବାର ନା ଧରୁନାହିଁ। ଜିଲା ପ୍ରଶାସନର ସହଯୋଗରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଅପରପକ୍ଷରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ପ୍ରକଳ୍ପ ନିର୍ମାଣ ସ୍ଥାନର ପ୍ରାୟ ଏକ କି.ମି. ଦୂର ଅଚ୍ୟୁତପୁର ଗାଁରେ ଅନ୍ଧାରଘରଣୀ ପୀଠରେ ଶତାଧିକ ଲୋକ ଗଣଧାରଣା ଦୁଇଦିନ ଧରି ଚାଲିଛି। ସେହିପରି ଏହି ବିବାଦ ଏବେ ବିଭିନ୍ନ ରାଜନୈତିକ ଦଳର ଦୃଷ୍ଟି ଆକର୍ଷଣ କରିଛି।

ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଏକ ଅନୁଧ୍ୟାନ ଟିମ ବରୁଣାଡିହା ଆସିବେ। ସେହିପରି ବାମପନ୍ଥୀ ରାଜନୈତିକ ଦଳର ରାଜ୍ୟସ୍ତରୀୟ ନେତା ରବିବାର ଆସି ଏ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଗରାପୁରସ୍ଥ ଆଇବିରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିସହ ଏସୟୁସିଆଇ (କମ୍ୟୁନିଷ୍ଟ)ର କର୍ମକର୍ତ୍ତାମାନେ ଖରସ୍ରୋତାର ପାଣି ଉଠାକୁ ପ୍ରବଳ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ଏଲିନା ସାମନ୍ତରାୟଙ୍କ ନେତୃତ୍ୱ ଏଡିଏମ୍‌ଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପକୁ ବିରୋଧ କରି ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ ତଥା



ଖରସ୍ରୋତା ନଦୀର ବରୁଣାଡିହାଠାରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି।

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ନେବା ବିବାଦ
- ବରୁଣାଡିହାରେ ଦ୍ରୁତଗତିରେ ଚାଲିଛି ନିର୍ମାଣ
- ଅନ୍ଧାରଘରଣୀରେ ସଂଗ୍ରାମ ସମିତିର ଗଣଧାରଣା

ପରିବେଶବିତ୍‌ଙ୍କ ଅନଶନ ସପ୍ତମ ଦିବସରେ ପହଞ୍ଚିଛି। ଏ ସମ୍ପର୍କରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସ କହିଛନ୍ତ, ଜିଲା ପ୍ରଶାସନର ନାଲି ଆଖିକୁ ଏହି ଜିଲାବାସୀ କେବେ ହେଲେ ବରଦାସ୍ତ କରିବେ ନାହିଁ। ଏବେ ଭଦ୍ରକ ଜିଲାର ମେଗା ପ୍ରକଳ୍ପ ପାଇଁ ରାଜକନିକା ବ୍ଲକର ୩ ପଞ୍ଚାୟତରେ ସିଆରପିସି ଧାରା ୧୪୪ ଜାରି ସହ ପୋଲିସ ବଳ ଲଗାଇ ବରୁଣାଡିହାରେ ନିର୍ମାଣ କାର୍ଯ୍ୟ ପୁଣିଥରେ ଆରମ୍ଭ କରିଛନ୍ତି। ଏହାକୁ ବିରୋଧ କରି ଅଚ୍ୟୁତପୁରଠାରେ୨ ଦିନ ଧରି ଶତାଧିକ ଗ୍ରାମବାସୀ ଗଣଧାରଣା ଓ ଅନଶନରେ ବସୁଛନ୍ତି। ଆସନ୍ତା ଦୁଇଦିନ ପରେ ଜିଲା ପ୍ରଶାସନର କଟକଣାକୁ ବିରୋଧ କରାଯିବ। ଏଥିପାଇଁ ପ୍ରାୟ ୧୫ ହଜାର ଲୋକ ଜେଲରେ ପୂରାଅ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି। ଜୀବନ ଜୀବିକା ଓ ଭିତରକନିକାର ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଗଣଧାରଣାକୁ ସଂଗ୍ରାମ ସମିତି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ପ୍ରଦୀପ ପଣ୍ଡା, ରମାକାନ୍ତ ମହାନ୍ତି, ସୁବଳ ରାଉତ, ସବିତା ରାଉତ, ରଙ୍ଗଲତା ମହାନ୍ତି, ଲିପସା ନାୟକ ପ୍ରମୁଖ ନେତୃତ୍ୱ ଦେଉଛନ୍ତି। ବାମପନ୍ଥୀ ଦଳର ଅନୁଧ୍ୟାନ କମିଟି ସମ୍ପର୍କରେ ବରିଷ୍ଠ କର୍ମକର୍ତ୍ତା ଗୟାଧର ଧଳ କହିଛନ୍ତି, ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହ ସମ୍ପାଦକ କ୍ଷିରୋଦ ସିଂହଦେଓ, ଜିଲା କର୍ମକର୍ତ୍ତା ରମଣୀ ରଞ୍ଜନ ରାଉତରାୟ, ସିପିଆଇ (ଏମ)ର ରାଜ୍ୟ କମିଟି ସଦସ୍ୟ ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଏକ କମିଟି ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଖରସ୍ରୋତା ନଦୀ ସ୍ଥାନୀୟ ଅଞ୍ଚଳର ଜୀବନଜୀବିକାକୁ ପ୍ରଭାବିତ କରୁଥିବା ବେଳେ ଏଠାରୁ ପାଣି ଉଠାକୁ ବିରୋଧ କରିଛନ୍ତି। ଜନ ଆନ୍ଦୋଳନ ତୀବ୍ର ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଏ ନେଇ ଜନସଭା କରିବା ଜିଲା ପ୍ରଶାସନର ଦାୟିତ୍ୱ ଥିଲା। ଏହାକୁ ନେଇ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ନିଶ୍ଚିତ ସୃଷ୍ଟି ହେବ। ଏଥିପାଇଁ ପ୍ରମୁଖ ଓ ମିଳିତ ବିରୋଧୀ ମଞ୍ଚ ପକ୍ଷରୁ ଆସନ୍ତା ୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହେବ। ସେହିପରି ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଏହି ଜନ ଆନ୍ଦୋଳନ ପ୍ରତି ସମର୍ଥନ ଥିବା ମତ ମିଳିଛି। ସୂଚନାଯୋଗ୍ୟ, ଏହି ମେଗା ପାନୀୟ ଜଳ ପ୍ରକଳ୍ପକୁ ବରୁଣାଡିହା ଅଞ୍ଚଳରେ ୨ ବର୍ଷ ହେଲା ବିରୋଧ ହେଉଛି। ଏପରିକି ଗତ ୧୦ ତାରିଖରେ ଜିଲା ପ୍ରଶାସନର କଟକଣାକୁ ଅଣଦେଖା କରି ବରୁଣାଡିହାଠାରେ ନିର୍ମାଣାଧୀନ ପ୍ରକଳ୍ପକୁ ଆନ୍ଦୋଳନକାରୀ ଭାଙ୍ଗିଥିଲେ। ଏ ନେଇ ପ୍ରାୟ ୯୦୦ ଲୋକଙ୍କ ନାମରେ ଦୁଇଟି ମାମଲା ସହ ଇତିମଧ୍ୟରେ ୨୪ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି।

## ନବବିବାହିତା ମହିଳା ପୋଲିସ କନଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ

### ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

**ବାଲିକୁଦା,୧୬।୮(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଢଙ୍ଗା ପଞ୍ଚାୟତ ଅନ୍ତର୍ଗତ ଦାଗାଁରେ ଜଣେ ନବ ବିବାହିତା ମହିଳାଙ୍କ ଶନିବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତ ରଣପୁର ଗାଁର ରମେଶ ପାଣିଙ୍କ ଝିଅ ଲିଜାଲିନ୍ ପାଣି ଓରଫ ଲିଜା (୩୦)।ସେ କେନ୍ଦ୍ରାପଡ଼ା ଜିଲା ଆଞ୍ଚଳିକ ପରିବହନ ବିଭାଗର ଓଏମଭିଡ଼ି ପୋଲିସ କନଷ୍ଟେବଳ ଭାବେ କାର୍ଯ୍ୟ କରୁଥିଲେ। ବାପା ରମେଶଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୨୯୯/୨୧) ରୁଜୁ ହୋଇଛି। ପୋଲିସ ଶୋଇବା ଖଟରୁ ରବିବାର ଲିଜାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ତଥା ଦାଗାଁର ବିଷ୍ଣୁଚରଣ ସ୍ୱାଇଁଙ୍କ ପୁଅ ଶୁଭେନ୍ଦୁ (୩୫)ଙ୍କୁ ରବିବାର ଗିରଫ କରିଥିବାବେଳେ ସୋମବାର କୋର୍ଟ ଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ, ଗତବର୍ଷ ୭ ଜୁଲାଇରେ ଶୁଭେନ୍ଦୁଙ୍କ ସହ ଲିଜାଙ୍କ ବୈଦିକରୀତିରେ ବିବାହ ହୋଇଥିଲା। ଉଭୟ ଭଲରେ ଚଳୁଥିଲେ। ମାତ୍ର ସ୍ୱାମୀ ପ୍ରଚୁର ମଦ୍ୟପାନ କରିବା ସହ ବ୍ରାଉନସୁଗାର ଖାଉଥିଲେ। ଏହାକୁ ଲିଜା ପ୍ରତିବାଦ କରୁଥିଲେ। ଏନେଇ ଝିଅର ଗଳା ଚିପି ହତ୍ୟା କରାଯାଇଥାଇପାରେ ବୋଲି ରମେଶ ଅଭିଯୋଗରେ ଦର୍ଶାଇଛନ୍ତି। ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ଏସଡିପିଓ ପ୍ରିୟରଞ୍ଜନ ଶତପଥୀ, ଆଇଆଇସି ଦିଲୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

## ବିଦ୍ୟାଳୟରେ ଜାତୀୟ ପତାକା ଧରାଶାୟୀ




କୁମାରୁଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭଙ୍ଗା ବାଉଁଶରେ ଧରାଶାୟୀ ଜାତୀୟ ପତାକା।

**ମହାକାଳପଡ଼ା,୧୬।୮ (ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ଅଳାଇଲ ପଞ୍ଚାୟତର କୁମାରୁଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ୍ଧା ଯାଇଥିବା ଜାତୀୟ ପତାକା ସହ ବାଉଁଶଟି ଧରାଶାୟୀ ହୋଇପଡିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ମହାପାତ୍ରଙ୍କୁ ପଚାରିବାରେ ସାଢେ ୭ଟାରେ ପତାକା ଉଡାଇଲି। ପୂର୍ବାହ୍ନ ୧୦ଟାରେ ସ୍କୁଲ ଛାଡିଲି। ୧୧ଟା ୩୧ ମିନିଟ୍‌ରେ ଖବର ପାଇଲି ପତାକା ଲାଗିଥିବା ବାଉଁଶ ଢଳି ପଡିଛି ବୋଲି ପରେ ଯାଇ ଏହାକୁ ଠିକାଠିକା କରାଯାଇଥିଲା। ତେବେ ଜାତୀୟ ପତାକା ପରିଚାଳନା ଓ ଫ୍ଲାଗ କୋର୍ଡ ଉଲ୍ଲଂଘନ କଲେ ଆଇନ ଅନୁସାରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏହି ଅଭାବନୀୟ ଘଟଣାରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଜାତୀୟ ପତାକା ଉଡ଼ିବା ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନାହିଁ, କେବଳ ଦୁଇ ଚାଖଣ୍ଡ ଗାତ ଖୋଳି ବାଉଁଶ ପୋତି ସ୍କୁଲ କର୍ତ୍ତୃପକ୍ଷ କାମ ସାରି ଦେଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଆମ୍ରିତ ଋତୁରାଜ ଓ ଜିଲା ଶିକ୍ଷାଧିକାରୀ ସଞ୍ଜୀବ ସିଂଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ସିଂ ପକ୍ଷରୁ ସୂଚନା ମିଳିଛି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଶ୍ରୀକାନ୍ତଙ୍କ ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୧୬।୮**

ଖରସ୍ରୋତା ନଦୀ ଉପରେ ମେଗା ପାନୀୟ ଜଳ ପ୍ରକଳ୍ପ ଜାରି ରହିଲେ ଜାତୀୟ ଉଦ୍ୟାନ ଭିତରକନିକା ପ୍ରଭାବିତ ହେବ। ମଧୁର ଜଳ ନ ମିଳିଲେ ଜୈବ ବିବିଧତା ନଷ୍ଟ ହୋଇଯିବ। ଏପରି କାରଣ ଦର୍ଶାଇ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ପ୍ରକଳ୍ପ ବନ୍ଦ କରିବା ଦାବିରେ ଗତ ୧୦ ତାରିଖରୁ ଜିଲାପାଳଙ୍କ ଗରାପୁରସ୍ଥ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧିଜୀଙ୍କ ମୂର୍ତ୍ତି ନିକଟରେ ଅନଶନ ଜାରି ରଖିଥିଲେ। ରବିବାର ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ଉପସ୍ଥିତିରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଜୋର ଜବରଦସ୍ତ ଶ୍ରୀକାନ୍ତଙ୍କୁ ଉଠାଇ ନେଇଛନ୍ତି।



ଶ୍ରୀକାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖା ଯାଇଥିବା ବେଳେ ସେ ସେଠାରେ ଏବେ ଅନଶନରେ ଅଛନ୍ତି। ଗରାପୁରସ୍ଥ ଧାରଣାସ୍ଥଳ ନିକଟରୁ ଉଠାଇବା ସମୟରେ ଶ୍ରୀକାନ୍ତଙ୍କ ସମେତ ୭ ସହଯୋଗୀଙ୍କ ଟଣାଓଟରା କରାଯାଇଥିଲା। ସେମାନଙ୍କୁ ସଦର ଥାନାକୁ ନିଆଯାଇ ୭ ଘଣ୍ଟା ଧରି ଅଟକ ରଖାଯାଇଥିଲା। ଅଟକ ଥିବା ରାୟଗଡାର ବଳରାମ ପଣ୍ଡା, ରାଜକନିକାର ବିଦ୍ୟାଧର ଜେନା, ପୁରୀର ସୌମ୍ୟରଞ୍ଜନ ମହାନ୍ତି, ସାନ୍ତସାହିର ରମେଶ ଚନ୍ଦ୍ର ବେହେରା, କେଶପୁରର ଗୌତମ ସାହୁ, ଭୁବନେଶ୍ୱରର ଫଇଜଲ ଖାନ୍, ବିଶ୍ୱନାଥ ମହାନ୍ତି, ଆଳିର ଶୁଭାଶିଷ ଷଡଙ୍ଗୀଙ୍କୁ ରାତିରେ ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଥିଲା। ଏ ସମ୍ପର୍କରେ ଅନଶନକାରୀ ଶ୍ରୀକାନ୍ତ କହିଛନ୍ତି, ଭିତରକନିକାର ଇକୋ ସେନ୍‌ସେଟିଭ ଜୋନର ସଦସ୍ୟ ଭାବେ ଏହାର ସୁରକ୍ଷା ପାଇଁ ପୂର୍ବରୁ ବହୁବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ଜୋନ ମଧ୍ୟରେ ଭଦ୍ରକ ମେଗା ପାନୀୟ ଜଳ ପ୍ରକଳ୍ପ ଥିବାରୁ ଏହାକୁ ବନ୍ଦ ଦାବିରେ ଅନଶନ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ପରିବାର ଲୋକଙ୍କୁ ଆକ୍ରମଣ

**ନାଉଗାଁ,୧୬।୮(ସ୍ୱ.ପ୍ର.)**

ଏକତରଫା ପ୍ରେମକୁ ପ୍ରତ୍ୟାଖାନ କରିବାରୁ ଜଣେ ନାବାଳିକାଙ୍କୁ ସୋମବାର ବଳତ୍କାର ଉଦ୍ୟମ କରାଯିବା ସହ ପରିବାର ଲୋକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ନାଉଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସେ ନାଉଗାଁ ଥାନା ଅଞ୍ଚଳରେ ଥିବା ମାମୁ ଘରେ ରହୁଥିବାବେଳେ ସ୍ଥାନୀୟ ଅଞ୍ଚଳର ଏକ ବିଦ୍ୟାଳୟରେ ପାଠ ପଢ଼ନ୍ତି। ଉକ୍ତ ଅଞ୍ଚଳରେ ଜଣେ ଯୁବକ ତାଙ୍କୁ ଏକ ତରଫା ପ୍ରେମ କରୁଥିଲେ। ସୋମବାର ସକାଳେ ସେ ରାସ୍ତା ପାଖ ପଡିଆରେ ଛେଳି ବାନ୍ଧିବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ତାଙ୍କୁ ଟେକି ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏନେଇ ସମ୍ପୃକ୍ତା ନାବାଳିକା ପାଟିକରିବାକୁ ମାମୁ ଘର ଲୋକେ ଦୌଡି ଆସିଥିଲେ। କୌଣସି ସୂତ୍ରରୁ ଖବରପାଇ ଅଭିଯୁକ୍ତ ଯୁବକଙ୍କ ବାପା, ମା, ବଡ଼ବାପା ଓ ବଡ଼ବୋଉ ସେଠାରେ ପହଞ୍ଚି ନାବାଳିକାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଅପରପକ୍ଷେ ସମ୍ପୃକ୍ତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି।

## ଭିଣୋଇକୁ ହତ୍ୟା ଅଭିଯୋଗ, ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲିକୁଦା,୧୬।୮(ସ୍ୱ.ପ୍ର.)**

ବାଲିକୁଦା ଥାନା ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତର ହାଡ଼ିଆପଦା ଗାଁରେ ଭିଣୋଇଙ୍କୁ ହତ୍ୟା ଅଭିଯୋଗରେ ମୁନାଭୋଇକୁ ରବିବାର ଗିରଫ କରାଯାଇଥିବାବେଳେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ନାଉଗାଁ ଥାନା ଅଲଣାହାଟ ଗାଁର ଏକା ଭୋଇ। ପୋଲିସ ମାଛଗାଁ ମୁଖ୍ୟ କେନାଲ ବନ୍ଧ ପାର୍ଶ୍ୱ ଏକ ଲିମ୍ବ ଗଛରୁ ଏକାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ପୁଅକୁ ହତ୍ୟାପରେ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ଏକାଙ୍କ ବାପା ଫକୀରଙ୍କ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ହାଡ଼ିଆପଦା ଗାଁର ରବୀନ୍ଦ୍ର ଭୋଇଙ୍କ ଝିଅ ସମିତାକୁ ବିବାହ କରିଥିଲେ। କୌଣସି କାରଣରୁ ଝଗଡ଼ା ଲାଗିବାରୁ ସମୀତା ଝିଅ ଓ ପୁଅକୁ ଧରି ୨୦ ଦିନ ତଳେ ବାପଘର ହାଡ଼ିଆପଦା ଗାଁକୁ ଚାଲି ଆସିଥିଲେ। ଗତ ଶନିବାର ମୁନା ଭିଣୋଇ ଏକାଙ୍କୁ ଯାଇ ଶ୍ୱଶୁର ଘରକୁ ଆଣିଥିଲେ। ଏହାପରେ ରାତିରେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଫକୀର ଅଭିଯୋଗରେ ଦର୍ଶାଇଛନ୍ତି।

## ମୋବାଇଲ୍, ଟଙ୍କା ଲୁଟ୍ ଅଭିଯୋଗ: ୨ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୬।୮**

ମୋବାଇଲ୍ ଚୋରି ଅଭିଯୋଗରେ ସୋମବାର ଜଗତ୍‌ସିଂହପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ବିଶ୍ୱଜିତ ମଲ୍ଲିକ ଓରଫ ହାପୁ(୨୭) ଓ ଅନ୍ଧୋଟିର ରାଜେଶ ଦାସ ଓରଫ ଫେଲୁ (୨୮)। ଗତ ୧୨ରେ ଅଭିଯୁକ୍ତଦ୍ୱୟ ଜଗତ୍‌ସିଂହପୁର ଥାନା ଠାକୁରପାଟଣାର ଗୁରୁପ୍ରସାଦ ମନ୍ଥନଙ୍କଠାରୁ ଏକ ମୋବାଇଲ ଓ ୮,୫୫୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ ମନ୍ଥନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ସାଇକେଲରେ କୋଭିଡ୍ ଟିକା ନେବାକୁ ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ଗଉଡୁଣୀଗାଡିଆ ନିକଟରେ ୨ ଅଭିଯୁକ୍ତ ତାଙ୍କୁ ଲୁଟ୍ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ନଂ. ୩୧୮/୨୧ ରୁଜୁ କରିଥିଲା। ଗିରଫ ପରେ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଜବତ ହୋଇଛି।

## ବାରିମୂଳ ଫୁଟବଲ ଦଳ ଚାମ୍ପିୟନ




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଡେରାବିଶ,୧୬।୮(ସ୍ୱ.ପ୍ର.)**

ଡ଼େରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମସ୍ଥିତ ଶନି ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜୟଦୁର୍ଗା କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଚିତାକର୍ଷକ ଫାଇନାଲ ଖେଳରେ ବରହମପୁର ଫୁଟବଲ ଦଳକୁ ଟାଇବ୍ରେକରରେ ହରାଇ ବାରିମୂଳ ଦଳ ଚାମ୍ପିୟନ ହୋଇଛି। ଜୟଦୁର୍ଗା ଯୁବକ ସଂଘ ଆନୁକୂଲ୍ୟରେ ଖେଳାଯାଇଥିବା ଫାଇନାଲ ଖେଳରେ ବାରିମୂଳ ଓ ବରହମପୁର ଫୁଟବଲ ଦଳ ପରସ୍ପରକୁ ଭେଟିଥିବା ବେଳେ ନିର୍ଦ୍ଧାରୀତ ସମୟରେ ଖେଳ ୦-୦ଗୋଲରେରେ ଅମିମାଂସିତ ରହିଥିଲା। ଟାଇବ୍ରେକରରେ ବାରିମୂଳ ଦଳ ୪-୧ ଗୋଲରେ ବରହମପୁର ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ରେଫରୀ ଭାବେ ସାକିଲା ହାଂସଦା ଏହି ଫାଇନାଲ ଖେଳ ପରିଚାଳନା କରିଥିବା ବେଳେ ରାମଚନ୍ଦ୍ର ହାଂସଦା ଓ ପ୍ରସନ୍ନ ବେହେରା ଲାଇନ୍ସମ୍ୟାନ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ କ୍ରୀଡାବିତ ସାହାଜାହାନ ଖାଁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ଗୋଲରାହାଟ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତ୍ରିଲୋଚନ ରାଉତ, ଆୟୋଜକ ଯୁବକ ସଂଘର ସଭାପତି ରାଜେଶ ଦାସ ଓ ସମ୍ପାଦକ କାଶୀନାଥ କାଣ୍ଡି ଯୋଗଦେଇ ଚାମ୍ପିୟନ ବାରିମୂଳ ଓ ରନର୍ସଅପ ବରହମପୁର ଦଳକୁ ପୁରସ୍କୃତ କରିଥିଲେ।

# କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

## ଶିକ୍ଷା, କୋଭିଡ ପରିଚାଳନାକୁ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ, ୧୬।୮**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ଦେଶର ଅଖଣ୍ଡତା ଓ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲାର ବିକାଶ ପ୍ରକ୍ରିୟାରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। କୋଭିଡ୍ ପରିଚାଳନା ଓ ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣରେ ଜିଲାର ଅଗ୍ରଗତିକୁ ନେଇ ସୂଚନା ଦେଇଥିଲେ। ଏଥିସହ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ଏହି ଉତ୍ସବକୁ ପରିଚାଳନା କରିଥିଲେ। ଏଥିରେ ଜିଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ ସାମିଲ ହୋଇଥିଲେ। ଏଥିସହ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବିଭିନ୍ନ କାର୍ଯ୍ୟାଳୟରେ ସ୍ୱାଧୀତନା ଦିବସ ପାଳିତ ହୋଇଯାଇଛି।



ଜିଲାପାଳ ଅମ୍ରିତ ଋତୁରାଜ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ।

## 'ବରପୁତ୍ର, କାଳଜୟୀ ସ୍ରଷ୍ଟାଙ୍କ ପାଇଁ ଜଗତ୍‌ସିଂହପୁର ବିଶ୍ୱବନ୍ଦ୍ୟ'



ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ପୋଲିସ ପରେଡ।

**ଜଗତ୍‌ସିଂହପୁର ଅଫିସ, ୧୬।୮**

ରବିବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ଜଗତ୍‌ସିଂହପୁର ଜିଲାର ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଡିହାରୀ, ଭାଗୀରଥି ମହାପାତ୍ର ଓ ରମାଦେବୀଙ୍କ ତ୍ୟାଗପୂତ ଜୀବନ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେଇଥିଲା। ପ୍ରାଣକୃଷ୍ଣ ପରିଜା ତାଙ୍କ ବୈଜ୍ଞାନିକ ପ୍ରତିଭାର ପାଦ ଚିହ୍ନ ଛାଡି ଯାଇଛନ୍ତି। ଏ ମାଟିର ବରପୁତ୍ର ଓ କାଳଜୟୀସ୍ରଷ୍ଟାଙ୍କ ପାଇଁ ଜଗତ୍‌ସିଂହପୁର ଆଜିବିଶ୍ୱବନ୍ଦ୍ୟ ବୋଲି ଜିଲାପାଳ କହିଥିଲେ। ଅଭିବାଦନ ପୂର୍ବରୁ ଜିଲା ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂ ମୁଖ୍ୟଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ନେଇଥିଲେ। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ମୋନାଲିସା ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ପଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁପ୍ରଦତ୍ତ ୧୫୦୦ ଟଙ୍କା, ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲାରେ କୋଭିଡ୍ ପରିଚାଳନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡା. ବିପିନ କୁମାର ପଣ୍ଡା, ମମତା ମାଝି, ଅଭିଜିତ୍ ଶତପଥୀ, ସୁଶାନ୍ତ କୁମାର ଡାଲୁଆ, ସାରଦା କୁମାର ଦାସ, ସଞ୍ଜୟ ନାୟକ, ସ୍ମିତାରାଣୀ ନାୟକ, ନାରାୟଣ ଗୋଛାୟତ, ନନ୍ଦ କିଶୋର ଗୋଛାୟତ, ବାବୁଲି ଗୋଛାୟତ ଓ ବିଷ୍ଣୁ ଗୋଛାୟତଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ।

## ପୋଲିସର ଗିରଫଦାରିକୁ ବିରୋଧ

ଯାଜପୁର ଟାଉନ,(ଡି.ଏନ.ଏ.): ଖରସ୍ରୋତା ପାଣି ଭଦ୍ରକକୁ ଯିବା ପ୍ରତିବାଦରେ ଆନ୍ଦୋଳନ କରିଥିବା ଲୋକଙ୍କୁ ପୋଲିସ ଗତ ୧୨ ତାରିଖ ରାତିରେ ଗିରଫ କରିଥିଲା। ମହିଳାମାନଙ୍କୁ ଅଶାଳୀନ ବ୍ୟବହାର କରିବାକୁ ପୋଲିସ ପଛାଇ ନ ଥିଲା । ସୋମବାର ଏହାର ପ୍ରତିବାଦରେ ଏସ୍‌ୟୁସିଆଇ (ସି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏସ୍‌ୟୁସିଆଇ(ସି) ରାଜ୍ୟକମିଟି ସଭ୍ୟ ଅଚ୍ୟୁତ ପ୍ରଧାନ ଏବଂ ଜିଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା କମିଟି ସଭ୍ୟ ବୀରକିଶୋର ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

**ସଂକ୍ଷେପରେ**

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ଯାଜପୁର ଅଫିସ,୧୬।୮: ଯାଜପୁର ଜିଲାସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ଉତ୍ସବ ଜିଲା ସ୍କୁଲ ପଡିଆଠାରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶକୁ ସ୍ୱାଧୀନତା ଆଣି ଦେଇଥିବା ବରେଣ୍ୟ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଯାଜପୁର ଜିଲାର ସଂଗ୍ରାମୀ ମାୟାଧର ଭୂୟାଁ, ସାନନ୍ଦ ସ୍ୱାଇଁ, ସାଉଁଟି ମଲ୍ଲିକ ଓ ହାଡ଼ିବନ୍ଧୁ ପଣ୍ଡାଙ୍କ ବୀରତ୍ୱକୁ ସେ ସ୍ମରଣ କରିଥିଲେ। ଆରକ୍ଷୀ ବିଭାଗର ଗୋଟିଏ ପ୍ଲାଟୁନ ଯୋଗଦେଇଥିବାବେଳେ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦ ଜଣ କୋଭିଡ ଯୋଦ୍ଧା ଉପସ୍ଥିତ ଥିଲେ। ଉତ୍କଳ ବାଳାଶ୍ରମ ପରିସରରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଓ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଡେପୁଟୀ କଲେକ୍ଟର କୁଳମଣି ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ଜେଏସ୍‌ଏଲ୍ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟକ୍ରମ

କଳିଙ୍ଗନଗର,୧୬।୮(ଡି.ଏନ.ଏ.): କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ (ଜେଏସ୍‌ଏଲ୍)ର ସୋମବାର ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟକ୍ରମରେ ଦାନଗଦୀ ବ୍ଲକ ନୋହୁରାଣୀପଶି ଗ୍ରାମରେ ହନୁମାନ ମନ୍ଦିର ଯଜ୍ଞ ମଣ୍ଡପ, ତ୍ରିଜଙ୍ଗାଠାରେ ସରସ୍ୱତୀ ଶିଶୁମନ୍ଦିରର ନୂତନ ଶ୍ରେଣୀଗୃହ ଓ ଶୌଚାଳୟ ଏବଂ ଟିକର ଗ୍ରାମରେ ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୯ ନମ୍ବର ଜିଲା ପରିଷଦ ସଦସ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ୧୦ ନମ୍ବର ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାମଲ, ଜିନ୍ଦଲ ଷ୍ଟେନ୍‌ଲେସର ଆବାସିକ ନିର୍ଦ୍ଦେଶକ ଶଶିଭୂଷଣ ଉପାଧ୍ୟାୟ, ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ, ସମାଜସେବୀ ଅକ୍ଷୟ କୁମାର ସାହୁ, ବିଭୂତି ଧୀର, ବିପ୍ଳବ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିନ୍ଦଲ କମ୍ପାନୀର ବାହ୍ୟ ସମ୍ପର୍କ ବିଭାଗ ପ୍ରବନ୍ଧକ ମିହିର କୁମାର ଦାସ, ବିଜୟାନନ୍ଦ ମହାରଣା, ନୟିମ ଅଖତର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋଚର ଜମିକୁ ଜବରଦଖଲ

ଯାଜପୁର ଟାଉନ,୧୬।୮(ଡି.ଏନ.ଏ.): ଯାଜପୁର ଜିଲା ବିଂଝାରପୁର ତହସିଲ ଅନ୍ତର୍ଗତ ରଣପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ୭ ଏକର ଗୋଚର ଜମିକୁ ଜବରଦଖଲ କରିବା ପ୍ରତିବାଦରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ବେଆଇନ ବାଲିଖାଦାନ ବନ୍ଦ କର: ଏନ୍‌ଜିଟି

**ବ୍ରାହ୍ମଣୀ, ବୈତରଣୀକୁ ଲୁଟୁଛନ୍ତି ବାଲିମାଫିଆ।**
- ଉତ୍ତରପ୍ରତାପ ବାଲିଖାଦାନର ଶୁଣାଣି
- ସ୍ୱତନ୍ତ୍ର ଟିମ୍ କରିବ ତଦନ୍ତ

ଯାଜପୁର ଅଫିସ,୧୬।୮




ଯାଜପୁର ଜିଲାରେ ପରିବେଶ ଆଇନକୁ ଉଲ୍ଲଂଘନ କରି ବେଆଇନ ଭାବେ ଚାଲିଥିବା ସମସ୍ତ ବାଲିଘାଟକୁ ବନ୍ଦ କରିବାକୁ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ) ସୋମବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ଉତ୍ତରପ୍ରତାପ ବାଲିଘାଟ-୨ ମାମଲା (୬୭/୨୦୨୧/ଇଜେଡ୍)ର ଶୁଣାଣି ଜଷ୍ଟିସ ବି.ଅମିତ୍ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦ୍ୱାରା ହୋଇଛି। ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ(ଏମ୍‌ଓଇଏଫ୍)ର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟର ବୈଜ୍ଞାନିକ, ଯାଜପୁର ଜିଲାପାଳ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ବୈଜ୍ଞାନିକ, ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ସିଆ)ର ବୈଜ୍ଞାନିକ ଏବଂ ଯାଜପୁର ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (ଡିଡିଏମ୍)ଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏହି କମିଟି ୧ ମାସ ମଧ୍ୟରେ ଯାଜପୁର ଜିଲାର ବେଆଇନ ବାଲିଖାଦାନଗୁଡିକର ତଦନ୍ତ କରି ଉପଯୁକ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୭କୁ ଧାର୍ଯ୍ୟ କରାଯାଇଛି।

ଉତ୍ତରପ୍ରତାପ-୨ ବାଲିଖାଦାନ ଉପରେ ୧୧।୬।୨୦୨୧ରେ ଅଭିଯୋଗକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ମୌସୁମୀ ଋତୁରେ ମାନୁଆଲ ପରିବର୍ତ୍ତେ ଯନ୍ତ୍ରଚାଳିତ ମେଶିନରେ ବାଲି ଉତ୍ତୋଳନ, ଖାଦାନର ସୀମା ନିର୍ଦ୍ଧାରଣ ପୂର୍ବକ ପିଲର ପୋତା ନ ଯାଇ ନିର୍ଦ୍ଧାରିତ ପରିମାଣଠାରୁ ବହୁଗୁଣରେ ଅଧିକ ଅଞ୍ଚଳରୁ ବାଲି ଲୁଟ, ନିର୍ଦ୍ଧାରିତ ଦୈନିକ ୬୮ କ୍ୟୁବିକ ମିଟର ପରିବର୍ତ୍ତେ ପ୍ରାୟ ୧୦୦୦ କ୍ୟୁବିକ ମିଟର ବାଲି ଉତ୍ତୋଳନ, ଲିଜ୍ ସମୟସୀମା ୫ ବର୍ଷରେ ୧୪,୩୯୦ କ୍ୟୁବିକ ମିଟର ପରିବର୍ତ୍ତେ ପ୍ରାୟ ୭୧,୯୫୦ କ୍ୟୁବିକ ମିଟର ବାଲି ଚୋରି, ମାର୍ଚ୍ଚ ୩୧ ସୁଦ୍ଧା ବାଲି ଉତ୍ତୋଳନ ମାପ ନିୟମ ରହିଥିବାବେଳେ ତାକୁ ଉଲ୍ଲଂଘନ, ଓଭରଲୋଡିଂ ବାଲି ପରିବହନ ଇତ୍ୟାଦି ଅଭିଯୋଗ ହୋଇଥିଲା।

ସୂଚନାଥାଉ କି, ଯାଜପୁର ଜିଲା ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀର ବିସ୍ତୀର୍ଣ୍ଣ ଶଯ୍ୟା ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ପରିବେଶ ମଞ୍ଜୁରୀ ମିଳୁ ନ ଥିବାରୁ ଅନେକ ବାଲିଘାଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ, ଯାହାର ସୁଯୋଗ ନେଉଛନ୍ତି ଅସାଧୁ ବ୍ୟବସାୟୀ। କେବଳ ବୈତରଣୀ ଓ ବ୍ରାହ୍ମଣୀ ନୁହେଁ ବୁଢା, ବିରୂପା, ଖରସ୍ରୋତା ଭଳି ନଦୀ ମଧ୍ୟ ବାଲି ଚୋରାଚାଲାଣର ଠିକଣା ପାଲଟିଛି। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ପାଇଁ ଲଘୁଖଣିଜ ଚୋରାଚାଲାଣ ରୋକାଯାଇ ପାରୁ ନ ଥିବାବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ଏନେଇ ବିଭିନ୍ନ ସମୟରେ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲେ ହେଁ ତଦନ୍ତକାରୀ ଅଧିକାରୀମାନେ ବାଲି ବ୍ୟବସାୟୀଙ୍କ ସପକ୍ଷରେ ଭୁଲ ରିପୋର୍ଟ ଦେଇ ରଫାଦଫା କରିବାରେ ସଫଳ ହେଉଥିବା ଅଭିଯୋଗ ହେଉଛି। କେବଳ ଉତ୍ତରପ୍ରତାପ ବାଲିଘାଟ ନୁହେଁ, ବ୍ରାହ୍ମଣୀ ନଦୀର ବ୍ରାହ୍ମଣବାଡ଼, କବାଟବନ୍ଧ ବ୍ରିଜ ନିକଟ ରାଇଛନ୍ଦା ଆଦି ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ଜାରି ରହିଛି। ଏହାବାଦ ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ବାର୍ଷିକ ୨୫ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହୋଇପାରିବ। କିନ୍ତୁ ମକୁନ୍ଦପୁର, ସାଆଁଳା, ଦୋସିଆମୁହାଁ, କଣ୍ଟାବଣିଆ, ମଥୁରାପୁର, ସାଳବା, ଲିଙ୍ଗେଶ୍ୱର, ରଣପୁର ଆଦି ବାଲିଘାଟରୁ ଧାର୍ଯ୍ୟ ପରିମାଣଠାରୁ ଶତାଧିକ ଗୁଣରେ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏଥିପାଇଁ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଲିଜ୍‌ଧାରୀମାନେ ନକଲି ଟ୍ରାନଜିଟ୍ ପାସ୍ (ଟିପି)ର ଆଶ୍ରୟ ନେଉଛନ୍ତି। ଏହି ନକଲି ଟିପି ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଛପା ଯାଉଛି। ବାଲି ପରିବହନ ସମୟରେ ଉକ୍ତ ନକଲି ଟିପିର ଅଧିକାଂଶ ସ୍ଥାନ ଖାଲି ରହୁଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଏନ୍‌ଜିଟି ପକ୍ଷରୁ ସୋମବାର ହୋଇଥିବା ନିର୍ଦ୍ଦେଶରେ ପରିବେଶଜନିତ କ୍ଷୟକ୍ଷତି, କ୍ଷୟକ୍ଷତିର ଭରଣା, ରାଜସ୍ୱହାନି ଇତ୍ୟାଦି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିବାକୁ ସ୍ୱତନ୍ତ୍ର ଟିମ୍‌କୁ ନିର୍ଦ୍ଦେଶ ହୋଇଛି।

## ଲୋଡିଂ ବନ୍ଦ କଲେ ଟ୍ରକ୍ ମାଲିକ

କାଳିଆପାଣି,୧୬।୮(ଡି.ଏନ.ଏ.)

ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ କରୁଥିବା ଠିକାଦାରମାନେ ଟ୍ରକ ମାଲିକଙ୍କୁ ପରିବହନ ବାବଦ ଟଙ୍କା ଦେବାକୁ ହଇରାଣ କରୁଥିବା ସଂଘ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଏହାର ପ୍ରତିବାଦରେ ଟ୍ରକ ମାଲିକମାନେ ଟାଟା ଷ୍ଟିଲ ମାଇନିଂ ଖଣିକୁ ଲୋଡ଼ିଂ ପାଇଁ ଯାଉଥିବା ଟ୍ରକଗୁଡ଼ିକୁ ସୋମବାର ଛାଡି ନ ଥିଲେ । ଫଳରେ ସେଠାରେ ଲୋଡ଼ିଂ ବନ୍ଦ ରହିଛି । ଟାଟା ଖଣିରେ ପରିବହନ କରୁଥିବା ପ୍ରମୁଖ ପରିବହନ ସଂସ୍ଥା ଏନଇସିସି ଏକଚାଟିଆ ଭାବେ ପରିବହନ କରୁଛି । ଫଳରେ ଅନ୍ୟ ପରିବହନ ସଂସ୍ଥା ସେଠାରେ ନିଜ ପାଇଁ କାମ ଯୋଗାଡ଼ କରିପାରୁନାହାଁନ୍ତି। ଏପରିସ୍ଥଳେ ଟ୍ରକ ମାଲିକଙ୍କ ପରିବହନ ଭଡ଼ା ପ୍ରଦାନରେ ବିଳମ୍ବ କରାଯାଉଛି । ଏହାକୁ ନେଇ କିଛି ଦିନ ତଳେ କାଳିଆପାଣି ଥାନାରେ ଏନଇସିସି ପରିବହନ ସଂସ୍ଥା ବିରୋଧରେ ମାନସ ଭଞ୍ଜ ,ଶୁଭ୍ରାଂଶୁ ସାମଲ ସମେତ ବହୁ ମାଲିକ ଅଭିଯୋଗ କରିବା ସହ ଟାଟାଷ୍ଟିଲ ପରିବହନ ମ୍ୟାନେଜରଙ୍କୁ ଜଣାଇଛନ୍ତି । ଏନେଇ କମ୍ପାନୀ ପରିବହନ ମ୍ୟାନେଜର ଅନଙ୍ଗ ଉଦୟ ମାହାନା କୁହନ୍ତି, ପରିବହନ ସଂସ୍ଥା ମାଲିକମାନଙ୍କ ପ୍ରାପ୍ୟ ପ୍ରଦାନ ପରେ ଆମେ ପଦକ୍ଷେପ ନେବୁ ।

# କେଉଁଠି ନିଷ୍କ୍ରିୟ, କେଉଁଠି ପାତରଅନ୍ତର

**ଥାନା ପୋଲିସ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୁଣି ୨ ମହିଳା**

ଯାଜପୁର ଅଫିସ/ ପାଣିକୋଇଲି, (ଡି.ଏନ.ଏ.),୧୬।୮

ଯାଜପୁର ଜିଲାର ଥାନାଗୁଡ଼ିକରୁ ସାଧାରଣ ଲୋକେ ନିରାଶ ହେଉଛନ୍ତି। ଲୋକଙ୍କ ଧନ, ଜୀବନ ଓ ସମ୍ମାନର ସୁରକ୍ଷାକୁ ଥାନା ପୋଲିସ ଗୁରୁତ୍ୱ ଦେଉନାହିଁ। ଫଳରେ ଲୋକେ ଥାନା ଉପରୁ ଭରସା ତୁଟାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏଭଳି ଘଟଣା ପୂର୍ବରୁ ଅନେକ ଥର ଦେଖିବାକୁ ମିଳିଛି। ସୋମବାର ବିଂଝାରପୁର ଓ ସୁକିନ୍ଦା ଥାନା ଅଞ୍ଚଳର ୨ ଜଣ ମହିଳା ସ୍ଥାନୀୟ ଥାନାର ସହଯୋଗ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବିଂଝାରପୁର ଥାନା ଅନ୍ତର୍ଗତ ସିଂହପୁର ନାଉବାଙ୍କ ଗ୍ରାମର ଜଣେ ମହିଳାଙ୍କ ଅଭିଯୋଗ ମୁତାବକ ତାଙ୍କ ନାବାଳିକା ଝିଅ ସ୍ଥାନୀୟ କଲେଜର ଜଣେ ଛାତ୍ରୀ। ଗତ ଜୁଲାଇ ୨୭ରେ କଲେଜ ଯାଇଥିବା ସମୟରେ ତାଙ୍କୁ ଅପହରଣ କରାଯାଇଥିଲା। ଏନେଇ କେନ୍ଦ୍ରାପଡ଼ା ଜିଲା ରାଜକନିକା ପଣସଗଣ୍ଡା ଗ୍ରାମର ଅଭୟ ସେଠୀଙ୍କ ପୁଅ ବିଜୟଙ୍କ ନାମରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ୩୩୮/୨୧ ରୁଜୁ କରି ହାତବାନ୍ଧି



ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ସୁମିତ୍ରା।

ବସିଛି। ନାବାଳିକାଙ୍କୁ ଉଦ୍ଧାର କରୁନି କି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଇତିମଧ୍ୟରେ ବିଜୟ ନାବାଳିକାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଓ କେସ୍ ନ ଉଠାଇଲେ ଜୀବନରୁ ମାରିଦେବାର ଧମକ ଦେଉଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରି କି ନାବାଳିକାଙ୍କ ପରିବାର ପକ୍ଷରୁ ଅଭୟ ସେଠୀଙ୍କ ସହ ଯୋଗାଯୋଗ କରାଯାଇ ଝିଅକୁ ଫେରାଇ ଦେବାକୁ ଅନୁରୋଧ କରାଯାଇଥିଲା। ମାତ୍ର ସେ ବୋହୂ ହୋଇସାରିଲେଣି, ଫେରାଇବାର ପ୍ରଶ୍ନ ଉଠୁନି ବୋଲି ମନା କରିଦେଇଥିଲେ। ଏନେଇ ବିଂଝାରପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ନାବାଳିକାଙ୍କୁ ଉଦ୍ଧାର କରିବାକୁ ଏସ୍‌ପିଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି ପରିବାର ଲୋକେ।

ସେହିପରି ସୁକିନ୍ଦା ଥାନା ଅନ୍ତର୍ଗତ ବରଡି ଗ୍ରାମର ସୁମିତ୍ରା ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କ ପରିବାର ସହ ସେହି ଗ୍ରାମର ୨ଜଣଙ୍କ ପୂର୍ବ ଶତ୍ରୁତା ଅଛି। ସେମାନଙ୍କ ନାମରେ ହତ୍ୟା ଅଭିଯୋଗର ମାମଲା ମଧ୍ୟ ଚାଲୁ ରହିଛି। ରବିବାର ସୁମିତ୍ରାଙ୍କ ପୁଅ ବାବୁଲା ଗାଧୋଇବାକୁ ଯାଇଥିବାବେଳେ ଉଭୟ ମିଳିତ ଭାବେ ତାକୁ ଗାଳିଗୁଲଜ କରିବା ସହ ମାଡମାରି ରକ୍ତାକ୍ତ କରିଥିଲେ। ବାବୁଲା ଜୀବନ ବଞ୍ଚାଇବାକୁ ଘରକୁ ଦୌଡ଼ି ପଳାଇ ଆସିଥିଲେ। ହେଲେ ସେମାନେ ମାରଣାସ୍ତ୍ର ସହ ଘରକୁ ଗୋଡ଼ାଇ ଆସିଥିଲେ। ସୁମିତ୍ରା ପ୍ରତିବାଦ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବାବୁଲାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସୁକିନ୍ଦା ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ଏତଲା ନରଖି ସୁମିତ୍ରାଙ୍କୁ ଓଲଟା ଗାଳିଗୁଲଜ କରିଥିଲେ। ରାତ୍ରି ପର୍ଯ୍ୟନ୍ତ ଥାନାରେ ବସି ରହିବା ପରେ ସୁମିତ୍ରା ଏତଲା ଥୋଇ ଘରକୁ ପଳାଇ ଆସିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

କଳିଙ୍ଗନଗର,୧୬।୮(ଡି.ଏନ.ଏ.)

ଟାଟାଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ କୋଭିଡ୍-୧୯ ନିୟମକୁ ଆଧାର କରି ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟାଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଲଜିଷ୍ଟିକ୍ ଅପରେସନ୍ସ ବିଭାଗ ଚିଫ୍ ସି.ଏଲ. କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଅତିଥି କର୍ଣ୍ଣ କହିଥିଲେ ଯେ, 'ଆମ ପ୍ରତିଷ୍ଠାତାଙ୍କ ମୂଲ୍ୟବୋଧକୁ ପାଳନ କରି କମ୍ପାନୀ ବିସ୍ଥାପିତ ପରିବାର ଓ ସ୍ଥାନୀୟ ଲୋକଙ୍କ ଅନ୍ତର୍ଭୁକ୍ତକାରୀ ବିକାଶ ନିମନ୍ତେ ଉଦ୍ୟମ ଜାରି ରଖିଛି। ଟାଟାଷ୍ଟିଲ୍‌ର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ (ସିଏସ୍‌ଆର) ଟିମ୍ ପକ୍ଷରୁ କୋଭିଡ୍ ମହାମାରୀ ସମୟରେ ସ୍ଥାନୀୟ ଲୋକମାନଙ୍କ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି।' ଟାଟାଷ୍ଟିଲ୍‌କୁ କଳିଙ୍ଗନଗରରେ ଏକ ବିଶ୍ୱସ୍ତରୀୟ ଇସ୍ପାତ କାରଖାନା ପ୍ରତିଷ୍ଠାରେ ସହାୟତା କରିଥିବାରୁ ସେ ସ୍ଥାନୀୟ ଲୋକମାନଙ୍କୁ ଧନ୍ୟବାଦ ଜଣାଇଥିଲେ।



ମୁଖ୍ୟଅତିଥି ସି.ଏଲ. କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## ଆମରଣ ଅନଶନରେ ବସିଲେ ଗ୍ରାମବାସୀ

**ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି**

ବିଂଝାରପୁର/ସିଂହପୁର, ୧୬।୮(ଡି.ଏନ.ଏ.)

ସିଂହପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ ମୋ ଗୁହାଳ ଯୋଜନାରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରି ସିଂହପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ବେଉରିଆଙ୍କ ନେତୃତ୍ୱ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଅଭିମନ୍ୟୁ ସାହୁ, ସତ୍ୟରଞ୍ଜନ ବେହେରା, ସତ୍ୟରଞ୍ଜନ ସାମଲ ଆମରଣ ଅନଶନରେ ବସିଛନ୍ତି । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ କେଉଁଠି ପ୍ରକଳ୍ପ ନାହିଁ ତ ଆଉ କେଉଁଠି ଶ୍ରମିକ କାମ କରି ନାହାନ୍ତି । କିନ୍ତୁ ମିଥ୍ୟା ପ୍ରକଳ୍ପ ଦର୍ଶାଇ ମୃତ ଶ୍ରମିକଙ୍କ ନାମରେ ବିଲ୍ ପ୍ରସ୍ତୁତ କରି ଟଙ୍କା ହଡପ କରାଯାଇଛି । ସନ୍ଧ୍ୟାରେ ବିଡିଓ ମିନତୀ ଜଗଦେବ ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହିତ ଅନଶନ ଭାଙ୍ଗିବାକୁ ଅନୁରୋଧ କରିଥିଲେ । ହେଲେ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିବାରୁ ବିଡିଓ ଫେରିଆସିଛନ୍ତି ।

## ରାତିରେ ସ୍କୁଲ ହତାରୁ ମାଟି ଖୋଳିନେଲେ

ରସୁଲପୁର,୧୬।୮(ଡି.ଏନ.ଏ.)



ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ହିଙ୍ଗୁଳା ଗୋପାଳପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ମଡେଲ ବିଦ୍ୟାଳୟ ଯୋଜନାରେ ସାମିଲ ହୋଇଛି । ବିଦ୍ୟାଳୟ ଖେଳ ପଡିଆ ଉନ୍ନତୀକରଣ ଚାଲିଛି। ଏହି ଆଳରେ ଦୁର୍ବୃତ୍ତମାନେ ପଡିଆରୁ ରାତିଅଧିଆ ଜେସିବିରେ ମାଟି ତାଡି ନେଇଛନ୍ତି। ବିଦ୍ୟାଳୟ ପରିସରରୁ ଶତାଧିକ ଟ୍ରିପ ମାଟି ବାହାରେ ବିକ୍ରି କରାଯାଇଛି ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ପୁରାତନ ଛାତ୍ରଙ୍କ ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି ।

ସେ ସମ୍ପର୍କରେ ପ୍ରଧାନ ଶିକ୍ଷକ କମଳ ଲୋଚନା ପଣ୍ଡାଙ୍କୁ ଅବଗତ କରାଯାଇ ନାହିଁ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ପ୍ରଧାନ ଏ ନେଇ କିଛି ଜାଣି ନାହାଁନ୍ତି ବୋଲି କହିଛନ୍ତି । ବିଦ୍ୟାଳୟ ପରିସରରେ ମେଶିନ ଲଗାଇ ୧୦ ଫୁଟ ଗାତ କରି ମାଟି ଉଠାଇ ବିକ୍ରି କରିଦିଆଯାଇଛି । ସେହି ଖାଲରେ ବାଲି ଭର୍ତ୍ତି କରିଦିଆଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ପଣ୍ଡା କହିଛନ୍ତି, ମୁଁ କିଛି ଜାଣି ନାହିଁ। ମଡେଲ ସ୍କୁଲ ନିର୍ମାଣ ପାଇଁ ୬୦ଲକ୍ଷ ଟଙ୍କା ଅନୁଦାନ ଆସିଛି ବୋଲି ବିଡିଓଙ୍କଠାରୁ ଶୁଣିଥିଲି । କାହା ନାମରେ କାର୍ଯ୍ୟାଦେଶ ହୋଇଛି, କିଏ ଉନ୍ନତୀକରଣ କାର୍ଯ୍ୟକୁ ତଦାରଖ କରୁଛନ୍ତି ଓ କାମ କେଉଁ ଅନୁଦାନରୁ ହେଉଛି ସେ ଅବଗତ ନାହାଁନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି ।

# ରାସ୍ତାକୁ ଓହ୍ଲାଇଲେ ବୁଣାକାର

- ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୁଃଖ ଜଣାଇବେ
- ବୁଣାକାର ନେତାଙ୍କ ସହ ଆଲୋଚନା ବିଫଳ

ରସୁଲପୁର,୧୬।୮(ଡି.ଏନ.ଏ.)




ପଦଯାତ୍ରାରେ ସାମିଲ ବୁଣାକାରମାନେ।

ଯାଜପୁର ଜିଲା ରସୁଲପୁର ବ୍ଲକ ବୁଣାକାର ଗାଁ ଗୋପାଳପୁରରୁ ୨୦୦ରୁ ଊର୍ଦ୍ଧ୍ୱ ବୁଣାକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ପଦଯାତ୍ରାରେ ବାହାରିଛନ୍ତି। ପୂର୍ବ ପ୍ରସ୍ତାବ ଅନୁଯାୟୀ ବୁଣାକାରମାନେ ସୋମବାର ସକାଳ ୯ଟାରେ ଗାଁର ପାଲାମଣ୍ଡପଠାରେ ଏକଜୁଟ୍ ହୋଇଥିଲେ। ସେମାନେ ଗ୍ରାମଦେବତୀ ମା'ମଙ୍ଗଳାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଥିଲେ। ପୂର୍ବରୁ ବୁଣାକାରମାନେ ସେମାନଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୋ ସରକାର, ବୟନ ଶିଳ୍ପ ବିଭାଗ ସଚିବ, ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ନିଜ ଦୁଃଖ ଜଣାଇଥିଲେ । ଗତ ୭ତାରିଖ ଦିନ ବୁଣାକାରମାନେ ଯାଜପୁର ଜିଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଇତିମଧ୍ୟରେ ୯ଦିନ ବିତି ସାରିଛି। ଜିଲାପାଳଙ୍କ ପକ୍ଷରୁ ସେମାନଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ବୁଣାକାରମାନେ ନବୀନ ନିବାସ ଯିବେ ଓ ସେମାନଙ୍କ ସମସ୍ୟା ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ପଦଯାତ୍ରାରେ ସାମିଲ ବୁଣାକାରମାନେ କହିଛନ୍ତି।

### ପଦଯାତ୍ରାରେ ୮୦ ବର୍ଷର ମହିଳା ବିଜୁଳି ଗୁଇଁ




ପଦଯାତ୍ରରେ ୮୦ବର୍ଷୀୟା ବୃଦ୍ଧା ବିଜୁଳି ଗୁଇଁ ବି ସାମିଲ ହୋଇଛନ୍ତି। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତାଙ୍କ ମୁଣ୍ଡ ଉପରେ ଜରିପାଲ ଥିଲା । ବାମହାତରେ ପ୍ଲାକାର୍ଡ ଓ ଡାହାଣ ହାତରେ ଆଶାବାଡି ଧରି ନଇଁ ନଇଁ ଆଗକୁ ଚାଲିଥିଲେ। ଭୁବନେଶ୍ୱରରେ ପହଞ୍ଚି ସେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ଦୁଃଖ ଜଣାଇବେ ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, କେରୋନା ଯୋଗୁ ବୁଣାବୁଣି ବନ୍ଦ ରହିଥିଲା । ଏହାପରେ ବନ୍ୟା ଆସିଲା । ଗୋପାଳପୁର ଗାଁ ନିକଟରେ ସୃଷ୍ଟି ହୋଇଥିବା ଘାଇରେ ତାଙ୍କ ତନ୍ତ ଭାସିଗଲା । ବୁଣା ଯାଇଥିବା ଲୁଗା ଓ କଞ୍ଚାମାଲ ନଷ୍ଟ ହେଲା । ପରିବାର ଚଳିବା ସମ୍ଭବ ହେଲାନାହିଁ । ଚଳିତବର୍ଷ ପୁଅ ବାଧ୍ୟ ହୋଇ ଗାଁ ଛାଡି ଦାଦନ ଖଟିବାକୁ ସୁରଟ ଯାଇଛି। ଆମ ପରିବାର ଲୋକଙ୍କୁ କାମଧନ୍ଦା ମିଳୁନି ବୋଲି ସେ କହିଛନ୍ତି ।

### ପ୍ରଶାସନ ସହ ଆଲୋଚନା ବିଫଳ:

ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବୁଣାକାରମାନଙ୍କ ସହ ଆଲୋଚନା କରିବା ସହ ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ହେଲେ ବୁଣାକାରମାନେ ବୟନ ଶିଳ୍ପ ବିଭାଗ ନିର୍ଦ୍ଦେଶକ ଓ କମିଶନର ଘଟଣାସ୍ଥଳରେ ପହଞ୍ଚନ୍ତୁ ବୋଲି ଦାବି କରିଥିଲେ । ସେମାନେ ବୁଣାକାରମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୁଅନ୍ତୁ ଓ ତାର ନିରାକରଣ ପାଇଁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦିଅନ୍ତୁ। ଏହାପରେ ସେମାନେ ପଦଯାତ୍ରାରୁ ବିରତ ରହିବେ ବୋଲି ବୁଣାକାର ନେତା ଶ୍ରୀଧର ବେହେରା, ରମେଶ ଦାସ, ଗୋବିନ୍ଦ ଦାସ, ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ, ନାରାୟଣ ଦାସ ପ୍ରମୁଖ ଚରମବାଣୀ ଶୁଣାଇଥିଲେ । ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ବୁଣାକାରମାନଙ୍କୁ ଅପରାହ୍ନ ୨ଟା ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ରାଜପଥ ପାର୍ଶ୍ୱ ରଥିଆଠାରେ ଭେଟିଥିଲେ। ତାଙ୍କ ସହ ବୁଣାକାରମାନଙ୍କ ଆଲୋଚନା ବିଫଳ ହୋଇଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଗଲେ ପ୍ରତିନିଧି ମଣ୍ଡଳୀ

ରସୁଲପୁର/ଧର୍ମଶାଳା ୧୬।୮(ଡିଏନଏ)

ସନ୍ଧ୍ୟାରେ ଯାଜପୁର ବିଧାୟକ ତଥା ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ବୟନ ଶିଳ୍ପ ବିଭାଗ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ଉପ-ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ, ଯାଜପୁର ଏଡିଏମ ମିହିର ପ୍ରସାଦ ମହାନ୍ତି, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ଉପସ୍ଥିତିରେ ନେଉଳପୁରଠାର ବୁଣାକାରମାନଙ୍କ ସହ ଆଲୋଚନା ହୋଇଥିଲା । ପ୍ରାୟ ୧ ଘଣ୍ଟା ଆଲୋଚନା ପରେ ବୁଣାକାର ନେତା ଶ୍ରୀଧର ବେହେରା, ରମେଶ ଦାସ, ଅଶୋକ କୁମାର ଗୁଇଁ, ଗୋବିନ୍ଦ ଦାସ, ଶକୁନ୍ତଳା ଚାନ୍ଦ, ମାଳତୀ ଦତ୍ତ, ତିଳୋତ୍ତମା ଦାସ, ଦେବକୀ ଗୁଇଁ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳି ଗଠନ କରାଯାଇଥିଲା । ବିଧାୟକ ଦ୍ୱୟଙ୍କ ନେତୃତ୍ୱରେ ଉକ୍ତ ପ୍ରତିନିଧି ମଣ୍ଡଳୀ ଓ ବୟନଶିଳ୍ପ ଅଧିକାରୀମାନଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଉକ୍ତ ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବୁଣାକାରମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇବେ। ସରକାର ବୁଣାକାରମାନଙ୍କ ସମସ୍ୟା ସମାଧାନ କରିବେ ବୋଲି ନେତା ଶ୍ରୀଧର ବେହେରା ଆଶାବାଦୀ ଅଛନ୍ତି ।



ବିଧାୟକଦ୍ୱୟ ପଦଯାତ୍ରାକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଅଟୋକୁ ପିଟିଲା କାର, ୧୩ ଆହତ

ଖଲ୍ଲିକୋଟ,(ଡି.ଏନ୍.ଏ.)-ଖଲ୍ଲିକୋଟ ଥାନା ୧୬ ନଂ. ଜାତୀୟ ରାଜପଥର କନ୍ହେଇପୁର ଛକରେ ସୋମବାର ଅଟୋକୁ ଏକ କାର୍ ଧକ୍କା ଦେବାରୁ ୧୩ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ କୋଦଳା ଥାନା ସୁମଣ୍ଡଳର ଜଗନ୍ନାଥ ସାହିର ଅଟୋ ଡ୍ରାଇଭର ସୁଦାମ ଦାସ ଓ ପିଙ୍କି ଦାସ, ତମ୍ଭାଲୁ ଦାସ, ବଇଁଶୀ ଦାସ, ଶାନ୍ତି ଦାସ, ଚନ୍ଦୁରି ଦାସ, ସୁକାନ୍ତି ଦାସ, ଅନି ଦାସ, ଫାଶୀ ଦାସ, ଗାଣ୍ଡୁ ଦାସ, ପୂଜା ଦାସ, ମାମା ଦାସ, ଦେବ ଦାସ। ଶ୍ରମିକମାନେ ଅଟୋ ଯୋଗେ ଜମିରେ ତଳି ରୋଇବା ପାଇଁ ବାଲୁଗାଁ ନିକଟସ୍ଥ ଧୂଆଁଳଗାଁକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ କନ୍ହେଇପୁର ଛକରେ ଅଟୋଟି ରାସ୍ତାପାର ହେଉଥିବା ବେଳେ ବ୍ରହ୍ମପୁର ପଟୁ ଆସୁଥିବା କାର ଧକ୍କା ଦେଇଥିଲା। ଫଳରେ ଅଟୋଟି ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତ ଆହତଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ଗୁରୁତର

ଦିଗପହଣ୍ଡି,୧୬।୮(ଡି.ଏନ୍.ଏ.): ସାପ କାମୁଡ଼ାରେ ଦିଗପହଣ୍ଡି ସୁନାରୀ ସାହିର ବି. ସେନେୟା ରେଡ୍ଡି(୮୦) ରବିବାର ଗୁରୁତର ହୋଇଛନ୍ତି। ବୃଦ୍ଧ ଜଣକ ରବିବାର ସକାଳେ ନିଜର ଚାଷଜମିକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

ଗୋପାଳପୁର,୧୬।୮(ଡି.ଏନ.ଏ.): ଗୋଳନ୍ଥରା ଥାନା ୧୬ନଂ. ଜାତୀୟ ରାଜପଥ ଆର.ସୁବାଣି ଗ୍ରାମ ନିକଟରେ ସୋମବାର ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜରଡ଼ା ଥାନା ବି.ନୂଆଗାଁ ଗ୍ରାମର ପ୍ରବୀଣ କୁମାର ସାହୁ (୨୮)। ଆର.ସୁବାଣି ଗ୍ରାମ ନିକଟରେ ପ୍ରବୀଣ ଜାତୀୟ ରାଜପଥ ପାର ହେଉଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଟ୍ରକ୍ (ଆରଜେ୦୨ଜିବି୧୯୦୧) ତାଙ୍କୁ ଧକ୍କା ଦେଇଥିଲା। ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ସ୍ଥାନୀୟ ଲୋକେ ପ୍ରବୀଣଙ୍କୁ ଉଦ୍ଧାର କରି ପ୍ରଥମେ ଇଚ୍ଛାପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ. ୨୨୪/୨୧ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ 'ଦି ସ୍ୱାଇଲ' ଉନ୍ମୋଚିତ

ପାରଳାଖେମୁଣ୍ଡି,୧୬।୮(ଡି.ଏନ୍.ଏ.): ଗଜପତି ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ରବିବାର 'ଦି ସ୍ୱାଇଲ' ନାମରେ ଏକ ନ୍ୟୁଜ୍ଲେଟ ଉନ୍ମୋଚିତ ହୋଇଯାଇଛି। ଏହାକୁ ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜଗନ୍ନାଥ ସାରକା ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଉପଜିଲାପାଳ ଦିଲୀପ କୁମାର ମହାରଣା, ପାରଳାଖେମୁଣ୍ଡି ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ନ୍ୟୁଜ୍ଲେଟର ଦ୍ୱାରା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ବିଭିନ୍ନ ପ୍ରକଳ୍ପର ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମସ୍ତ ତଥ୍ୟ ସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ବୋଲି ସରୋଜ କୁମାର ବେହେରା କହିଛନ୍ତି।

### ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା
### ଦ୍ୱିତୀୟ ସ୍ଥାନରେ ଦାରିଙ୍ଗବାଡ଼ିର ଆୟୁଷ୍ମାନ୍

ଦାରିଙ୍ଗବାଡ଼ି,୧୬।୮(ଡି.ଏନ୍.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ନୀଳକନ୍ଦର ସାହିର ପଞ୍ଚମ ଶ୍ରେଣୀ ଛାତ୍ର ଆୟୁଷ୍ମାନ୍ ସାହୁ ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜୁଲାଇ ୨୪ରେ ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏକ ସଂସ୍ଥା ଦ୍ୱାରା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦିଲ୍ଲୀର ଲାଲ୍‌କିଲା ଏବଂ ଜାତୀୟ ପତାକା ଅଙ୍କନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଆସାମର ଭାରବୀ ଦାସ (୧୧) ପ୍ରଥମ ଏବଂ ଗୁଜରାଟର ସାରା ମୁଖୀ (୧୦) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ମା', ବାପା ଭାଇ ଏବଂ ମାମୁଙ୍କ ପ୍ରେରଣା ପାଇ ଆୟୁଷ୍ମାନ୍ ଏହି ସଫଳତା ପାଇଥିବା କହିଛନ୍ତି।

### ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ନିରାକାର

ଶେରଗଡ଼,୧୬।୮(ଡି.ଏନ୍.ଏ.)- ଶେରଗଡ଼ ବ୍ଲକ ଖିରିଡା ଗ୍ରାମର ସ୍ୱେଚ୍ଛାସେବୀ ନିରାକାର ବିଷୋୟୀଙ୍କୁ ରବିବାର ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଗତ କିଛିଦିନ ଟ୍ରି ଫାଉଣ୍ଡେଶନ ପ୍ରତିଷ୍ଠା କରି ବ୍ଲକର ବିଭିନ୍ନ ଗ୍ରାମରେ ଚାରା ରୋପଣ କରି ନିରାକାର ଲୋକଙ୍କୁ ସଚେତନ କରୁଛନ୍ତି। ଗତ କିଛି ବର୍ଷ ହେଲା ସେ ପରିବେଶ ବଞ୍ଚାଅ ଅଭିଯାନ ଆରମ୍ଭ କରି ବେଶ ଚର୍ଚ୍ଚିତ ହୋଇଛନ୍ତି। ଏଥିପାଇଁ ବ୍ରହ୍ମପୁରସ୍ଥିତ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଅମ୍ଳାନ ନାୟକ ନିରାକାରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରି ଫାଉଣ୍ଡେଶନର ସଭାପତି ଗୌରହରି ବିଷୋୟୀ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

ରମ୍ଭା,୧୬।୮: ରମ୍ଭା ବଡ଼ଉଫୁଲିଆ ସାହିର ମିଟୁ ସ୍ୱାଇଁଙ୍କ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ରମ୍ଭା ଗ୍ରାମର ଷ୍ଟେଟ ବ୍ୟାଙ୍କ ସାମ୍ନା ଚଣ୍ଡୀପୁର ସାହିରେ ଏକ ଘରର ଛାତ ପକା ଯାଉଥିଲା। ଛାତ ଉପରକୁ କଂକ୍ରିଟ ଘୋଳା ସିମେଣ୍ଟ ପଠାଇବା ପାଇଁ ଲୁହାର ସିଡ଼ି ପକାଉଥିବା ସମୟରେ ବିଦ୍ୟୁତ୍ ତାର ଲାଗି ମିଟୁ ତଳେ ପଡ଼ି ଯାଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନେବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିଲା।

# ଜଳସେଚନ ପ୍ରକଳ୍ପ ଫେଲ୍

ଖଜୁରିପଡ଼ା/ବଲସକୁମ୍ପା, ୧୬।୮(ଡି.ଏନ.ଏ.)

- କେନାଲ ଶୁଖିଲା
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚାଷୀ

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକରେ ଫେଲମାରିଛି ଜଳସେଚନ ପ୍ରକଳ୍ପ। କେନାଲ ଶୁଖିଲା ପଡିବାରୁ ବହୁ ଚାଷ ଜମି ଫାଟି ଆଁ କରିଛି। ଫଳରେ ଚାଷୀମାନେ ହତାଶ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।
ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ନେତୃତ୍ୱରେ ଟିଗ୍ରାପଙ୍ଗା ଓ ଗଞ୍ଜୁଗୁଡ଼ା ଦୁଇ ପଞ୍ଚାୟତର ଶତାଧିକ ଚାଷୀ ସୋମବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ୧୦ ବର୍ଷ ହେବ ଏଭଳି ସମସ୍ୟା ଲାଗି ରହିଛି। ଆମେମାନେ ମଧ୍ୟ ଏବାବଦର ବାରମ୍ବାର ଅଭିଯୋଗ କରି ଆସୁଛୁ, କିନ୍ତୁ ଜଳସେଚନ ବିଭାଗ କର୍ଣ୍ଣପାତ କରୁନାହିଁ। ଜମିକୁ ପାଣି ଯୋଗାଇ ଦିଆଯାଉ ନ ହେଲେ ଜଳକର ଛାଡ଼ କରାଯାଉ ବୋଲି ଦାବି କରିଛନ୍ତି। ୭ ଦିନ ଭିତରେ ଉକ୍ତ ସମସ୍ୟା ସମାଧାନ କରା ନ ଗଲେ ବାଧ୍ୟହୋଇ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଉଛନ୍ତି। ସେହିଭଳି ବଲସକୁମ୍ପା ପଞ୍ଚାୟତର ପ୍ରାୟ ୨୫ ରୁ ୩୦ ଗ୍ରାମର ଚାଷୀଙ୍କ ସେହିଭଳି ସମାନ ଅଭିଯୋଗ କରିଛନ୍ତି।
ସେମାନେ କହିଛନ୍ତି, ଆଷାଢ଼ ଯାଇ ଶ୍ରାବଣ ଗଲା ହେଲେ ବର୍ଷା ନାହିଁ। ଯାହା ତଳି ପଡିଥିଲା ପ୍ରଥମ ବର୍ଷାରେ ରୁଆ ହୋଇଥିଲା। ତା' ପରଠାରୁ ବର୍ଷା ନାହିଁ। ଟାଇଁ ଟାଇଁ ଖରାରେ ଧାନ ତଳି ନାଲି ପଡ଼ିଯିବା ସହିତ ମରିବାକୁ ବସି ଜମି ଫାଟି ମରୁଡ଼ି ଆଶଙ୍କା ଦେଖାଗଲାଣି। ହେଲେ କେନାଲ ପାଣିକୁ ଭରସା କରି ରହିଥିବା ଚାଷୀ ମୁଣ୍ଡରେ ହାତ ଦେଇଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କେଶନ ମୁର୍ମୁଙ୍କ ପ୍ରତିକିୟା ନେବାରୁ ମୁଁ ବୌଦ୍ଧ ଜିଲାର ଫୁଲବାଣୀ ଅତିରିକ୍ତ ଦାୟିତ୍ୱରେ ଅଛି। ଅଭିଯୋଗକୁ ଗୁରୁତ୍ୱ ଦେଇ ଏହାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି।
ସୂଚନାଯୋଗ୍ୟ, କନ୍ଧମାଳର ଜଳଭଣ୍ଡାର କୁହାଯାଉଥିବା ଖଜୁରିପଡ଼ା ବ୍ଲକ ସିଦିଙ୍ଗିରେ ଥିବା ପିଲାସାଲୁଙ୍କି ଡ୍ୟାମ୍‌ରୁ ଚାଷ ଜମିକୁ ବର୍ଷ ତମାମ ପାଣି ଯୋଗାଇ ଦେବାକୁ ଜଳସେଚନ ବିଭାଗ ପକ୍ଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିରାଟ ଜଳସେଚନ ପ୍ରକଳ୍ପ ସ୍ଥାପନ ସହ କେନାଲ ତିଆରି କରାଯାଇଛି। ହେଲେ ଚାଷୀ ଜମିକୁ ପାଣିନେବା ପାଇଁ ଜଳକର ମଧ୍ୟ ବାନ୍ଧୁଛି। କିନ୍ତୁ ଦୁଃଖର କଥା ଶ୍ରାବଣରେ ଚାଷୀ ଧାନ ରୋଇବାକୁ ତତ୍ପର ହେଉଥିଲେ ସୁଦ୍ଧା ଜମିକୁ ପାଣି ଟୋପାଏ ନ ପାଇ ହଇରାଣ ହେଉଛି। କେନାଲରେ ପାଣି ଆସିବାର ନା ଗନ୍ଧ ନାହିଁ। କେନାଲ ମରାମତି ଓ ହୁଡ଼ା ସଜାଡ଼ିବା ନାଁରେ ବର୍ଷ ତମାମ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ବିଭାଗ କହୁଛି, କିନ୍ତୁ କେନାଲରେ ପାଣିନାହିଁ।

## ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ

ଭଞ୍ଜନଗର,୧୬।୮(ଡି.ଏନ.ଏ)

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠ ଏବଂ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଦୁଇ ସ୍ଥାନରେ ସ୍ୱତନ୍ତ୍ର ପାଠଚକ୍ର ହୋଇଥିଲା। ଶକ୍ତିପୀଠ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକ ଲାଲାଟେନ୍ଦୁ ସାମନ୍ତ, ଜିଲା ମହିଳା ପାଠଚକ୍ର ସଂଯୋଜିକା କମଳ କୁମାରୀ ସାମନ୍ତ, ଲକ୍ଷ୍ମୀକାନ୍ତ ଦାସ, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି କୃତୀବାସ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବସନ୍ତ କୁମାର ଖାଡ଼ଙ୍ଗା, ରତ୍ନ ମଞ୍ଜରୀ ପାଢ଼ୀ, ରମେଶ ବେହେରା, ସୁନନ୍ଦା ବେହେରା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।


ଶ୍ରୀଅରବିନ୍ଦ ଶକ୍ତିପୀଠରେ ଉପସ୍ଥିତ ଅତିଥି।

## ଦୁଇ ବ୍ଲକରେ ଛାତ୍ରୀ ଟପ୍ପର

ଆସିକା/ ବୁଗୁଡ଼ା,୧୬।୮(ଡି.ଏନ.ଏ.)

**ଯୁକ୍ତ୨ କଳା ପରୀକ୍ଷା ଫଳ**

ଯୁକ୍ତ ୨ କଳା ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଉର୍ମିଳା ପ୍ରଧାନ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଜୈନବୀ ବିବି ଓ କେନ୍ଦୁପଦର ଏନ୍‌ବିସି କଲେଜରେ କିରଣ ବାରିକ ଟପ୍ପର ହୋଇଛନ୍ତି। ଆସିକା ବିଜ୍ଞାନ ମହାବିଦ୍ୟାଳୟର ସମୁଦାୟ ୨୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୯, ଦ୍ୱିତୀୟ ଶ୍ରେଣୀରେ ୮୫ ଓ ତୃତୀୟ ଶ୍ରେଣୀରେ ୧୦୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିଭଳି ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ୨୫୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୯, ଦ୍ୱିତୀୟ ଶ୍ରେଣୀରେ ୧୦୮ ଓ ତୃତୀୟ ଶ୍ରେଣୀରେ ୬୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଠାରେ ପରୀକ୍ଷାଫଳ ୯୯% ରହିଛି। ଏହି ମହାବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୨ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ସେହିଭଳି କେନ୍ଦୁପଦରସ୍ଥିତ ଏନ୍‌ବିସି କଲେଜରେ ୨୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀରେ ୧୪, ଦ୍ୱିତୀୟ ଶ୍ରେଣୀରେ ୪୧ ଓ ତୃତୀୟ ଶ୍ରେଣୀରେ ୧୭୭ ପାସ କରିଥିବା ଜଣାପଡିଛି । ଛାତ୍ରୀଛାତ୍ରଙ୍କ ଏହି ସଫଳତା ଲାଗି ଆସିକା କଲେଜ ଅଧ୍ୟକ୍ଷ ଜୀବାନନ୍ଦ ତ୍ରିପାଠୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଗଣେଶ୍ୱର ମାଝି ଓ କେନ୍ଦୁପଦର କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ଆପଟ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବୁଗୁଡାରେ ଯୁକ୍ତ ୨ କଳାର ପରୀକ୍ଷା ଫଳ ପ୍ରକାଶ ପରେ ସ୍ଥାନୀୟ ପିପୁଲ୍ସ କଲେଜର ଛାତ୍ରୀ ସୁସ୍ମିତା ବରାଡ ସର୍ବାଧିକ ୪୭୩ ମାର୍କ ରଖି ବୁଗୁଡ଼ା ବ୍ଲକ ଟପ୍ପର୍ ହୋଇଛନ୍ତି। ବୁଗୁଡା ଅଞ୍ଚଳର ୬ଟି କଲେଜର ମୋଟ ୧୦୭୧ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ ଜଣଙ୍କ ପରୀକ୍ଷା ଫଳ ସ୍ଥଗିତ ରହିଥିବା ବେଳେ ଅନ୍ୟ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଥିବା ଜଣାପଡ଼ିଛି।

# ନେଟ୍‌ୱର୍କ ସମସ୍ୟା ନେଇ ରାସ୍ତାରୋକୋ


ରାସ୍ତା ଉପରେ ଗ୍ରାମବାସୀ ।

ଫୁଲବାଣୀ ଅଫିସ, ୧୬।୮

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ନେଟୱର୍କ ସମସ୍ୟା ନେଇ ସୋମବାର ରାସ୍ତାରୋକୋ କରାଯାଇଛି । ଶତାଧିକ ଲୋକେ ସକାଳ ୬ଟାରୁ ଗୋଚ୍ଛାପଡା-ଫୁଲବାଣୀ ରାସ୍ତାକୁ ଅବରୋଧ କରି ବସିଥିଲେ। ଫଳରେ ଅନେକ ସମୟ ଧରି ଯାତାୟାତ ବନ୍ଦ ରହିଥିଲା। ଫିରିଙ୍ଗିଆ ତହସିଲଦାର ପୁନମ ରାଉତ, ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଗୋଚ୍ଛାପଡା ଥାନାଧିକାରୀ ରଞ୍ଜିତ କୁମାର ମୂନୀ ପ୍ରମୁଖ ପହଂଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଜନ୍ମେଶ୍ୱର କହଁର, ଦେବାଶୀଷ କହଁର, କୃଷ୍ଣଚନ୍ଦ୍ର କହଁର, ରୋହିତ କହଁର, ଅଜିତ କୁମାର ସାହୁ, ସରୋଜ ଦିଗାଲ, ସୀମାଞ୍ଚଳ ସାହୁ, ବୀରେନ୍ଦ୍ର କହଁର, ମହକ ଦିଗାଲ, ମଳୟ ରଞ୍ଜନ ସାହୁ, ଗୋପୀନାଥ ସାହୁଙ୍କ ନେତୃତ୍ୱରେ ରାସ୍ତାରୋକ ହୋଇଥିଲା।
ସୁଚନାଯୋଗ୍ୟ, ଗୋଚ୍ଛାପଡ଼ାରେ ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି । ଆଖପାଖର ପ୍ରାୟ ୧୦ ପଞ୍ଚାୟତର ଲୋକେ ଗୋଚ୍ଛାପଡା ଉପରେ ଶିକ୍ଷା, ସ୍ୱାସ୍ଥ୍ୟ ସହିତ ବଜାର ହାଟ ପାଇଁ ନିର୍ଭର କରୁଛନ୍ତି। କିନ୍ତୁ ଏହି ଅଞ୍ଚଳରେ ସବୁ ପ୍ରକାର ଭିତ୍ତିଭୂମିର ଅଭାବ ରହିଛି । ବିଶେଷକରି ଏଠାରେ ସ୍ଥାପିତ ବିଏସ୍ଏନ୍ଏଲ୍‌ର ମୋବାଇଲ ଟାୱାର ଅଧିକାଂଶ ସମୟରେ କାର୍ଯ୍ୟ କରୁନାହିଁ। ଜିଓ ଟାୱାର କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଲୋକେ ଜରୁରୀକାଳୀନ ଯୋଗାଯୋଗ କରିପାରୁ ନାହାନ୍ତି। ଏସବୁର ସମାଧାନ ପାଇଁ ପୂର୍ବରୁ ପ୍ରଶାସନକୁ ଜଣାଯାଇଥିଲେ ହେଁ କିଛି ପଦକ୍ଷେପ ନିଆଯାଇ ନାହିଁ।

## ବାପାଙ୍କ ସ୍ମୃତିରେ ସ୍କୁଲକୁ ୭ ଲକ୍ଷ ପ୍ରଦାନ

ବେଗୁନିଆଡ଼ା,୧୬।୮(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ଅଙ୍ଗାର ଗାଁର କେ. ଭାସ୍କର ପାତ୍ରଙ୍କ ସ୍ମୃତିରେ ରବିବାର ତାଙ୍କ ପୁତ୍ର କେ. ପ୍ରଦୀପ, କେ. ପ୍ରଶାନ୍ତ ଓ ତାଙ୍କ ପରିବାରବର୍ଗ ପକ୍ଷରୁ ଗ୍ରାମର ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟର ଇ-ପାଠାଗାର ନିର୍ମାଣ ସକାଶେ ୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ଚଳିତବର୍ଷ ଦଶମ ଶ୍ରେଣୀରେ ଅଞ୍ଚଳରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଳଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଶିବିରରେ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅତିଥି ଭାବେ ବେଗୁନିଆପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବର ପ୍ରଧାନ, ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ସାହୁ, ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ଭୂୟାଁ, ରଙ୍ଗନାଥ ସ୍ୱାଇଁ, ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ବିଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଚକ୍ରପାଣି ସ୍ୱାଇଁ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରତ୍ନାକର ସାହୁ, ନାରାୟଣ ସୁମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍ଏସି ଅଫିସ ଘେରିଲେ ମାଛ ବ୍ୟବସାୟୀ


ଏନ୍ଏସି ଅଫିସକୁ ଆସିଥିବା ମାଛ ବ୍ୟବସାୟୀମାନେ।

ଛତ୍ରପୁର,୧୬।୮(ଡି.ଏନ୍.ଏ.)

ଛତ୍ରପୁରରେ ପ୍ରଶାସନ ବାରମ୍ବାର ମାଛ ବ୍ୟବସାୟୀଙ୍କ ସ୍ଥାନ ପରିବର୍ତ୍ତନ କରୁଥିବା ପ୍ରତିବାଦରେ ସୋମବାର ଶତାଧିକ ବ୍ୟବସାୟୀ ଏନ୍ଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସରକାରୀ ବାଳିକା ବିଦ୍ୟାଳୟ ନିକଟରେ ମାଛ ମାର୍କେଟ ଚାଲି ଆସୁଥିଲା। ତେବେ କରୋନା କଟକଣା ବେଳେ ଏନ୍ଏସି ପକ୍ଷରୁ ବହୁବାର ଏହାର ସ୍ଥାନ ପରିବର୍ତ୍ତନ କରାଗଲା। ଗତ କିଛିଦିନ ହେବ ପୁଣି ବଡ଼ଷ୍ଟେଶନ ନିକଟ ଏକ ସ୍ଥାନରେ ମାଛ ବିକ୍ରି କରିବାକୁ କୁହାଯାଇଥିଲା । ସେଠାରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାରୁ ପୁଣି ମାଛ ମାର୍କେଟରେ ବ୍ୟବସାୟ କରିବା ପାଇଁ ଅନୁମତି ଦେବାକୁ ବ୍ୟବସାୟୀମାନେ ଏନ୍ଏସି ନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁଙ୍କୁ କହିଥିଲେ । ହେଲେ ପ୍ରଶାସନ ଏଥିରେ ରାଜି ହେଉନାହିଁ। ଆଗକୁ ପୁରୁଣାକୁ ଭାଙ୍ଗି ନୂଆ ମାଛ ମାର୍କେଟ କରାଯିବାକୁ ଥିବାରୁ ସେ ପର୍ଯ୍ୟନ୍ତ ବଡ଼ଷ୍ଟେଶନ ନିକଟରେ ବ୍ୟବସାୟ ଚାଲିବ । ସେଠାରେ ପ୍ରତ୍ୟେକ ଦିନ ପରିଷ୍କାର କରାଯିବା ସହ ବିଦ୍ୟୁତ୍ ସେବା, ପାନୀୟ ଜଳ ଆଦି ଯେଉଁସବୁ ଅସୁବିଧା ରହିଛି ତା'ର ସମାଧାନ କରାଯିବ ବୋଲି କୁହାଯାଇଛି।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଆନ୍ଦୋଳନ

ଆସିକା/ଗଞ୍ଜାମ/ପାତ୍ରପୁର, ଦିଗପହଣ୍ଡି, ୧୬।୮(ଡି.ଏନ୍.ଏ.)

ଯୁକ୍ତ ୩ ତୃତୀୟ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ଦାବି ନେଇ ସୋମବାର ଆସିକା, ଗଞ୍ଜାମ, ଖେମୁଣ୍ଡି ପାତ୍ରପୁର ଭରତପତି ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଛନ୍ତି। ଆସିକା ଓ ଖେମୁଣ୍ଡି ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟ ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କରୋନା ସଂକ୍ରମଣଜନିତ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ଉପରେ ଅଫ୍‌ଲାଇନ ପରୀକ୍ଷାର ପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ଅନ୍‌ଲାଇନ ପରୀକ୍ଷା ପାଇଁ ଦାବି କରିଥିଲେ। ଏ ନେଇ ଆସିକାରେ ଆନ୍ଦୋଳନକାରୀ ଛାତ୍ରଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷ ଜୀବାନନ୍ଦ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ତେବେ ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱ ବିଶ୍ୱବିଦ୍ୟାଳୟ ଉପରେ ଥିବାରୁ ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କ ଏହି ଦାବି ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଛି। ସେହିପରି ସେହିପରି ଗଞ୍ଜାମ କଲେଜ ଛାତ୍ରୀଛାତ୍ର ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁର ଭରତପତି ମହାବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିରୀକ୍ଷକଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ର ମାନେ ଦାବିପତ୍ର ପ୍ରଦାନ କରିଛନ୍ତି ।ଆଡମିଶନ୍ ଫିଁ ବୃଦ୍ଧି ଓ ଯୁକ୍ତ ୩ ତୃତୀୟ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ଦାବି ନେଇ ଖେମୁଣ୍ଡି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଉଠିଥିଲେ। ମହାବିଦ୍ୟାଳୟର ଶିକ୍ଷାଦାନ ଓ ଭିତ୍ତିଭୂମିର ବିକାଶ ପାଇଁ ଅର୍ଥିକ ସମସ୍ୟା ଦେଖାଯାଇଛି। ତେଣୁ ଫିଁ ବୃଦ୍ଧି ଓ ଡୋନେସନ୍ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଆଲୋଚନା ବେଳେ କଲେଜ ଅଧ୍ୟକ୍ଷା ଡ଼.ପ୍ରଣତି ପାତ୍ର କହିଛନ୍ତି।

## ଫୁଲବାଣୀ ପୌରାଞ୍ଚଳରେ ବର୍ଦ୍ଧିତ ଟିକସକୁ ବିରୋଧ

ଫୁଲବାଣୀ ଅଫିସ, ୧୬।୮

ଫୁଲବାଣୀ ପୌର ପରିଷଦ ପକ୍ଷରୁ ହୋଲଡିଂ ଟିକସକୁ ବହୁ ଗୁଣ ବୃଦ୍ଧି କରାଯାଇଛି। ଏହାକୁ ମିଳିତ ନାଗରିକ କମିଟି ପକ୍ଷରୁ ବାରମ୍ବାର ବିରୋଧ କରାଯାଇ, ଆଦାୟ ନ କରିବାକୁ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମଙ୍ଗଳବାର ହେବାକୁ ଥିବା ଜନ ଶୁଣାଣିକୁ ବିରୋଧ କରି ପ୍ରତିବାଦ କରାଯିବ ବୋଲି କମିଟି ପକ୍ଷରୁ ସୋମବାର ମା'ନାରାୟଣୀ ଯାତ୍ରା କମିଟି ଗୃହରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଫୁଲବାଣୀ ପୌର ପରିଷଦରେ ଅନ୍ୟ ପୌରପରିଷଦ ଭଳି ଜନସାଧାରଣଙ୍କୁ ସେମାନଙ୍କର ସମସ୍ତ ସୁବିଧା ନ ଦେଇ, ଆଦାୟ କରାଯାଉଥିବା ବର୍ଦ୍ଧିତ ହୋଲଡିଂ ଟିକସକୁ ଅଗଣତାନ୍ତ୍ରିକ ବୋଲି ଆଇନଜୀବୀମାନେ ମତ ଦେଇଛନ୍ତି। ଓଡିଶା ମ୍ୟୁନିସିପାଲ ଆଇନ, ଧାରା ୧୩୧ ଅନୁସାରେ ହୋଲଡିଂ ଟିକସ ନିର୍ଦ୍ଧାରଣ କରିବା ଅଧିକାର କେବଳ ନିର୍ବାଚିତ ପୌର ପରିଷଦ ନିକଟରେ ରହିଛି। ଫୁଲବାଣୀ ପୌର ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ସ୍ଥଳେ ହୋଲଡିଂ ଟିକସ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ପୌରାଞ୍ଚଳରେ ଲୋକଙ୍କ ପାଇଁ କୌଣସି ଆଖି ଦୃଷ୍ଟିଆ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିବା ଦେଖାଯାଉନାହିଁ, ଯେଉଁଥି ଲାଗି ୧୦ ଗୁଣ ପର୍ଯ୍ୟନ୍ତ ହୋଲଡିଂ ଟିକସ ବୃଦ୍ଧି ହେବ। ସହରରେ ଅଧିବାସୀଙ୍କ ନାମରେ ଦୀର୍ଘ ବର୍ଷ ଧରି ଜବର ଦଖଲ ମାମଲା ଚାଲିଛି। ସେମାନଙ୍କୁ ସ୍ଥାୟୀ ପଟ୍ଟା ମିଳୁନାହିଁ। ଜନସଂଖ୍ୟା ଆଧାରରେ ଏଠାରେ ସିଟି ହସ୍ପିଟାଲ ବି ନାହିଁ । ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ପୌରପରିଷଦ ବିଫଳ ଆଦି ଅନେକ ସମସ୍ୟା ରହିଛି। ତେଣୁ ଟିକସ ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର କରିବା ଏବଂ ଆଗାମୀ ପୌର ନିର୍ବାଚନ ଯାଏ ଏହାକୁ ସ୍ଥଗିତ ରଖିବାକୁ ପ୍ରଶାସନ ଓ ନଗର ଉନ୍ନୟନ ବିଭାଗ ନିକଟରେ କମିଟିପକ୍ଷରୁ ଦାବିକରାଯାଇଛି।

# ଗଞ୍ଜାମରେ ୭୮% ଜମିର ଧାନତଳି ନଷ୍ଟ

ଛତ୍ରପୁର,୧୬।୮(ଡି.ଏନ୍.ଏ.)

**ମରୁଡ଼ି ଘୋଷଣା ଦାବି କଲା ଋଷିକୁଲ୍ୟା ରୟତ ମହାସଭା**



ଖବରଦାତା ସମ୍ମିଳନୀରେ ଋଷିକୁଲ୍ୟା ରୟତ ମହାସଭା କର୍ମକର୍ତ୍ତା ।

ଗଞ୍ଜାମ ଜିଲାରେ ୭୮ ପ୍ରତିଶତ ଜମିରେ ଧାନତଳି ନଷ୍ଟ ହୋଇଯାଇଥିବାରୁ ତୁରନ୍ତ ଏହାକୁ ମରୁଡ଼ି ଘୋଷଣା କରି ଫସଲ ବୀମା, ଋଣ ଛାଡ଼ କରିବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରାଯାଇଛି । ଛତ୍ରପୁରସ୍ଥିତ ପିଏନ୍‌ୟୁ କଲେଜ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ନଷ୍ଟ ହୋଇଯାଇଥିବା ତଳିର ନମୁନା ଅଣାଯାଇଥିଲା। ଗଞ୍ଜାମ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ମାତ୍ର ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଛି। ଅଧିକାଂଶ ବ୍ଲକରେ ଜମି ଫାଟି ଆଁ କରିଲାଣି। ଏବେ ବର୍ଷା ହେଉ ନ ଥିବାରୁ ତଳିଗୁଡିକ ଶୁଖି ନଷ୍ଟ ହେଲାଣି । ଯେଉଁ କିଛି ତଳି ରହିଛି ତାହାକୁ ବଞ୍ଚାଇବା ପାଇଁ ଟ୍ୟାଙ୍କର କିମ୍ବା ମୁଣ୍ଡରେ ପାଣି ବୋହି ଆଣି ତଳିରେ ପକାଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ନିୟମ ଅନୁଯାୟୀ, ଯଦି ଗୋଟିଏ ପଞ୍ଚାୟତରେ ତଳି ନଷ୍ଟ ହୋଇ ୭୫ ପ୍ରତିଶତ ଜମି ପଡିଆ ରହିବ ତେବେ ୨୫ ପ୍ରତିଶତ ଫସଲ ବୀମା ସହାୟତା କ୍ଷତିଗ୍ରସ୍ତ ଚାଷୀମାନେ ପାଇବେ । ବୀମା କମ୍ପାନୀକୁ ଚାଷୀ ୧୦୦ ଟଙ୍କାରେ ୨୦ ଟଙ୍କା ପ୍ରିମିୟମ ଦେଉଥିବା ବେଳେ ମାତ୍ର ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତି ହେଲେ ବୀମା ସହାୟତା ମିଳୁନାହିଁ। କରୋନା ମହାମାରୀ ଯୋଗୁ ଗତ ଦେଢ଼ବର୍ଷ ହେଲା ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ଏବେ ମରୁଡ଼ି ସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲବୀମା, ମରୁଡି ଘୋଷଣା ଏବଂ ଋଣ ଛାଡ, ଅଚଳ ପଡିଥିବା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ, କେନାଲ ମରାମତି, କ୍ଷୁଦ୍ରଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର, ଆଗକୁ ଫସଲ ପାଇଁ ୫୦ ପ୍ରତିଶତ ରିହାତିରେ ବିହନ ଯୋଗାଇ ଦେବାକୁ ଦାବି ହୋଇଛି । ନଚେତ ଋଷିକୁଲ୍ୟା ମହାସଭା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ଉପଦେଷ୍ଟା ରାଜେନ୍ଦ୍ର ଦାଶ, ଟି.କିଷ୍ଟା ରାଓ, ଶରତ ଚନ୍ଦ୍ର ପଟ୍ଟନାୟକ, କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

**୧. ୩୩ ଗ୍ରାମ ବ୍ରାଉନସୁଗାର ଜବତ**

**ନୟାଗଡ଼ ଅଫିସ :** ନୟାଗଡ଼ ଟାଉନ ଥାନା ପୋଲିସ ସନ୍ଦୁରିଆ ପାଟଣାସାହି ଉପରେ ଚଢ଼ାଉ କରି ୧.ଗ୍ରାମ ୩୩୦ମିଲିଗ୍ରାମ ବ୍ରାଉନସୁଗାର ମାଜିଷ୍ଟ୍ରେଟ ଯୁଗଳ ମିଶ୍ରଙ୍କ ଉପସ୍ଥିତିରେ ଜବତ କରିଛି। ୧୨ପୁଡିଆରେ ଥିବା ବ୍ରାଉନସୁଗାର ଜବତ କରିଥିବାବେଳେ ବ୍ୟବସାୟୀ ଜବିବୁଲ୍ଲା ଖାଁ(୪୫)ଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ପରେ ସୋମବାର ଜବିବୁଲ୍ଲାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ନଂ. ୧୭୦/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

**ସଂକ୍ଷେପରେ**

## ମହାନ୍‌ଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ

**ଦଶପଲ୍ଲା,୧୬।୮( ଡି.ଏନ୍.ଏ.) :** ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅପରାହ୍ନରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃପତାକା ଉତ୍ତୋଳନ କରି କହିଲେ ଶ୍ରୀଅରବିନ୍ଦଙ୍କ ଭଳି ଜଣେ ମହାନଯୋଗୀ, ଦାର୍ଶନିକ, ଆଧାତ୍ମିକ, ଯୋଗଜନ୍ମା ହୁଏତ ପୃଥିବୀ ପୃଷ୍ଠରେ ଆଉ ଜନ୍ମ ହେବେ ନାହିଁ। ତାଙ୍କର ସାଧନା ବଳରେ ଭାରତ ସ୍ୱାଧୀନ ହେବାର ବହୁ ପୂର୍ବରୁ ଘୋଷଣା କରିଥିଲେ ଯେ ଅଗଷ୍ଟ ୧୫ରେ ହିଁ ଭାରତ ସ୍ୱାଧୀନତାର ସ୍ୱାଦ ଚାଖିବ। ମୁଖ୍ୟବକ୍ତା ଭାବେ ଡ. ନାରାୟଣ ମହାପାତ୍ର ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଜନ୍ମରୁ ଦେହାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଡା.ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଶାନ୍ତ କୁମାର ସାହୁ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଦଶପଲ୍ଲା ବ୍ଲକ ଆବାହକ ପୁରୁଷୋତ୍ତମ ଡାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ରତ୍ନାରାଣୀ ଅପା ଭଗବାନଙ୍କ ସହ ସମ୍ପର୍କ, ସବିତା ଭୂୟାଁ, ଲକ୍ଷ୍ମୀପ୍ରିୟା ଖମାରୀ ମାତୃ ବନ୍ଦନା, ସୁଦିପ୍ତା ଭୂୟାଁ ଦୁର୍ଗା ସ୍ତୋତ୍ର ,ଲକ୍ଷ୍ମୀ ମହାପାତ୍ର ମା' ବହି ପାଠ କରିଥିଲେ। କାର୍ଯ୍ୟକ୍ରମରେ ମଧଖଣ୍ଡ ଶ୍ରୀଅରବିନ୍ଦ ସ୍କୁଲର ଟିକିନା ଅପାଓ ଅନ୍ୟମାନେ ସହଯୋଗ କରିଥିଲେ।

## ବଢୁଛି ମୃତକଙ୍କ ସଂଖ୍ୟା

**ନୟାଗଡ଼ ଅଫିସ,୧୬।୮:** ନୟାଗଡ଼ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି। ରବିବାର ରିପୋର୍ଟରେ କରୋନାରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ସୋମବାର ୨୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ପରିପ୍ରେକ୍ଷୀରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬,୦୩୨ରେ ପହଞ୍ଚିଛି। ସୋମବାର ରିପୋର୍ଟରେ ଭାପୁର ବ୍ଲକରେ ଜଣେ , ଦଶପଲ୍ଲାରେ ଜଣେ, ଗଣିଆରେ ଜଣେ, ଖଣ୍ଡପଡ଼ା ବ୍ଲକରେ ୪, ନୟାଗଡ଼ରେ ୨, ନୂଆଗାଁରେ ଜଣେ, ଓଡ଼ଗାଁ ବ୍ଲକରେ ୪ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୭ଜଣ ଅଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୧୮୫ ଜୀବନ ଦୀପ ଲିଭି ସାରିଲାଣି।

# କଳାବଜାରରେ ଅଧିକ ମୂଲ୍ୟରେ ସାର ବିକ୍ରି

### ୟୁରିଆର କୃତ୍ରିମ ଅଭାବ, ପଦକ୍ଷେପ ଶୂନ

- ଦେଉନାହାନ୍ତି ରସିଦ୍ କି ଝୁଲାଉ ନାହାନ୍ତି ରେଟ୍ ଚାର୍ଟ
- ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

**ନୟାଗଡ଼ ଅଫିସ,୧୬।୮**

ନୟାଗଡ଼ ଜିଲାରେ ସରକାରୀ ଦରରେ ୟୁରିଆ ସାର ମିଳୁନି। ଜାଣିଶୁଣି ୟୁରିଆ ସାରର କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା ଅଭିଯୋଗ ଉଠିଛି। ଏଣୁ ଚାଷୀ ସରକାରୀ ଦାମଠାରୁ ୫୦ରୁ ୩୦୦ଟଙ୍କା ଅଧିକ ଦେଇ ୟୁରିଆ ସାର ବସ୍ତାକୁ କଳାବଜାରରୁ କିଣୁଛନ୍ତି। ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନ ଓ ପ୍ରାଥମିକ କୃଷି ସମବାୟ ସମିତିରେ ସାରର ଦର ତାଲିକା ଝୁଲୁ ନାହିଁ। ଏପରିକି ସାର କିଣିଲେ ରସିଦ୍ ମିଳୁନାହିଁ। ଏପରି ଅବ୍ୟବସ୍ଥା ସମ୍ପର୍କରେ ଚାଷୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ପ୍ରତିକାର ନାହିଁ। କୃଷି ବିଭାଗ ନିଦାବିଷ୍ଟ ପାଲଟିଛି। ଜିଲା ପ୍ରଶାସନ ଚେଇଁ ଶୋଇଛି। ଏ ନେଇ ଚାଷୀ ଅସନ୍ତୋଷ ବଢ଼ିବାରୁ ବିଭିନ୍ନ ସ୍ଥାନରେ ସାର ପାଇଁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି।

ନୟାଗଡ ତେନ୍ତୁଳିଆପଲ୍ଲୀର ଚାଷୀ ଟୁସିଆ ପରିଡା କୁହନ୍ତି, ୟୁରିଆ ସାର କଳାବଜାରି ଚାଲିଥିବା ବିଭିନ୍ନ ଖବରକାଗଜରେ ବାହାରୁଛି। ହେଲେ ପ୍ରତିକାର ନାହିଁ। ୪୫ କେଜି ଓଜନର ସାରର ସରକାରୀ ଦର ୨୬୬.୫୦ ଟଙ୍କା ରହିଛି। ହେଲେ ବସ୍ତାକୁ ୪୩୦ରୁ ୫୦୦ ଟଙ୍କାରେ ବିକ୍ରି ଚାଲିଛି। ସରକାରୀ ସ୍ୱୀକୃତିପ୍ରାପ୍ତ ସାର ଦୋକାନରେ ସାର ନାହିଁ କହୁଛନ୍ତି। ନଛିପୁର ପ୍ରାଥମିକ କୃଷି ସମବାୟ ସମିତିରେ ସାର ନାହିଁ କହି ଫେରାଇ ଦିଆଯାଉଛି। ଏହା କେବଳ ନୟାଗଡ଼ ଜିଲା ସଦର ମହୁକୁମାର ନୁହେଁ, ଏହା ସବୁ ବ୍ଲକ ଓ ସହରାଞ୍ଚଳର ସମସ୍ୟା। ଇଛିରିର ରାଜ କିଶୋର ଦାସ, ବୀରପାଳ ଓ ମୀନକତେନ ଦାଶ କୁହନ୍ତି, ଆମ୍ଭ ସୋସାଇଟରେ ଜଣେ ଲୋକର ଆଧାରକାର୍ଡ ନେଇ ୧ ବସ୍ତା ସାର ଦେଉଛନ୍ତି। ହେଲେ ସବୁ ଚାଷୀ ସାର ପାଉନାହାନ୍ତି। କିଛି ହାତଗଣତି ଚାଷୀ ସାର ପାଇଛନ୍ତି। ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ଆମ୍ଭ ପ୍ରାଥମିକ କୃଷି ସମବାୟ ସମିତିରେ ୪ଜଣ ଚାଷୀ ଆଧାରକାର୍ଡ ଦେଲେ ୧ ବସ୍ତା ସାର ମିଳୁଛି। ଏଣୁ ଚାଷୀ କଳାବଜାରରୁ ସାର କିଣୁଛି। ଅନ୍ୟପକ୍ଷେ ସରକାରୀ ସ୍ୱୀକୃତି ପ୍ରାପ୍ତ ବ୍ୟବସାୟୀ ନିଜର କେତେଜଣ ଆନୁଗତ୍ୟଙ୍କ ଦ୍ୱାରା ସାରକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନକୁ ବାରମ୍ବାର ଆସି ଫେରିଯିବା ପରେ ବାହାରୁ କଳାବଜାରରେ ଅଧିକ ଦାମରେ ସାର କିଣୁଛୁ। ପ୍ରଶ୍ନ ଉଠୁଛି ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନରୁ ସାର କଳାବଜାରକୁ ଯାଉଛି କିପରି। ଅଭିଯୋଗ କଲେ ସୁଫଳ ମିଳୁନାହିଁ। ମିଳିମିଶି ପର୍ସେଣ୍ଟେଜ ପାଉଥିବାରୁ ସାର କଳାବଜାରକୁ ରୋକା ଯାଉନି। ନୂଆଗାଁ ଚାଷୀ ଭମା ବରାଡ କୁହନ୍ତି, ସବୁ ଲୋକଙ୍କ ପାଖରେ କୃଷି ବିଭାଗର ଅଧିକାରୀଙ୍କ ନମ୍ବର ନାହିଁ। ଏଣୁ ସାର କଳାବଜାର ହେଉଥିଲେ ମଧ କିଛି ସ୍ଥାନରେ ଚାଷୀ ବିଭାଗକୁ ଜଣାଇ ପାରୁନାହାନ୍ତି। ଏଣୁ ଏକ ଟୋଲ ଫି ନମ୍ବର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର କରାଯାଉ। ଚାଷୀ ତା'ର ଅଭାବ ଅସୁବିଧା ଏଥିରେ ଜଣାଇପାରିବ। କୁରାଳର ଚାଷୀ ସୁରଜ କୁମାର ଜେନା କୁହନ୍ତି, କୁରାଳ ସୋସାଇଟରେ ସାର ଅଛି। ହେଲେ ସାର ନାହିଁ କହି ଚାଷୀକୁ ଫେରାଇ ଦିଆଯାଉଛି। ହାତଗଣତି ଯେଉଁ କେତେଜଣ ସାର ପାଇଛନ୍ତି ସେମାନେ ସରକାରୀ ଦରଠାରୁ ୧୦ରୁ ୧୫୦ ଟଙ୍କା ଅଧିକ ଦେଇ ସାର ନେଇଛନ୍ତି। କେତେଜଣ ଚାଷୀ କଳାବଜାରରୁ ସାର କିଣୁଛନ୍ତି। ଛାମୁଣ୍ଡିଆର ଚାଷୀ ଉଲାସ କୁମାର ସାହୁ କୁହନ୍ତି, ଆଉକଟାରେ ଛାଡି ଦେଲେ ଅନ୍ୟ ଅଞ୍ଚଳରେ ସରକାରୀ ଦରରେ ସାର ମିଳୁନି। ଚାଷୀ ବାଧ ହୋଇ ୪୫ କେଜିର ବସ୍ତାକୁ ୨୦୦ରୁ ୩୦୦ ଟଙ୍କା ଅଧିକ ଦେଇ କିଣୁଛନ୍ତି। ରଣପୁରର ବିକାଶ ମହାନ୍ତି, ଭାପୁରର ଉଦ୍ଧବ ପ୍ରଧାନ, ଦଶପଲ୍ଲା ରବୀନ୍ଦ୍ର ସାହୁ ପ୍ରମୁଖ ଚାଷୀ କୁହନ୍ତି, ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀ କ୍ଷତିରେ ରହିଛନ୍ତି। ଏଭଳିସ୍ଥଳେ ସାର କଳାବଜାରୀକୁ ରୋକା ଯାଇ ପାରୁନାହିଁ। କୃଷି ବିଭାଗ ଓ ଜିଲା ପ୍ରଶାସନର ଚାଷୀର ସମସ୍ୟାକୁ ବୁଝିଥିଲେ ମଧ ପ୍ରତିକାର କରୁନାହିଁ।

## ଡ୍ରାଇଭର ମହାସଂଘର ବିକ୍ଷୋଭ



୧୦ ଦଫା ଦାବିରେ ଡ୍ରାଇଭରମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ନୟାଗଡ଼ ଅଫିସ,୧୬।୮**

୧୦ ଦଫା ଦାବି ପୂରଣ ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ନୟାଗଡ ଶାଖା ପକ୍ଷରୁ ନୟାଗଡ଼ ସହରରେ ଏକ ବାଇକ୍ ଶୋଭାଯାତ୍ରା ସୋମବାର ପରିକ୍ରମା କରିଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ଜିଲାପାଳଙ୍କୁ ୧୦ ଦଫା ଦାବିର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭରଙ୍କ ଦୁର୍ଘଟଣା ଜନୀତ ମୃତ୍ୟୁ ପାଇଁ ୨୦ ଲକ୍ଷ ଟଙ୍କାର ବୀମା ଓ ଗୁରୁତର ଅକମର୍ଣ୍ୟ ହେଲେ ୧୦ ଲକ୍ଷ ଟଙ୍କାର ବୀମା କରିବାକୁ ଦାବି ରହିଛି। ସେହିପରି ୫୫ ବର୍ଷରେ ପେନସନ ବ୍ୟବସ୍ଥା, ୫ ଲକ୍ଷର ଆବାସ ଗୃହ ବ୍ୟବସ୍ଥା, ନିର୍ଦ୍ଧାରିତ ସମୟ ସୀମା, ଡ୍ରାଇଭର କଲ୍ୟାଣ ପାଣ୍ଠି ଗଠନ ଓ ସ୍ୱତନ୍ତ୍ର ଆଇନ କରିବା, ପିଲାମାନଙ୍କର ଉଚ୍ଚଶିକ୍ଷା ପାଇଁ ୧୦୦ କିମି ବ୍ୟବଧାନରେ ରେଷ୍ଟସେଡ୍ ନିର୍ମାଣ ପ୍ରମୁଖ ଦାବି ରହିଛି। ସଭାପତି ଅବକାଶ କାଠୁଆ ଓ ସମ୍ପାଦକ ସନ୍ତୋଷ ସାଥୁଆ ଏହାର ନେତୃତ୍ୱ ନେଇଥିଲେ।

# ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ସମାରୋହ



ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ଓଡ଼ଗାଁ,୧୬।୮(ସ୍ୱ.ପ୍ର.)**

ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ଦ୍ୱିବର୍ଷିୟ ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାଧାରଣ ସେବା କେନ୍ଦ୍ର ପରିସରରେ ପରିବେଶ କର୍ମୀ ସୁକାନ୍ତ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ପଞ୍ଚାୟତ ସମିତି ଅଧକ୍ଷା ମମତା ବେହେରା ମୁଖ୍ୟଅତିଥି, ପ୍ରଧାପକ ଅଧିବାସ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ, ରାଜନ ପ୍ରଧାନ, ପଞ୍ଚାନନ ପଣ୍ଡା, କୁରାଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଜ୍ଞାନଜ୍ୟୋତି ଦାଶ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ପଣ୍ଡା ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଓ କାର୍ଯ୍ୟବଳୀ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନେ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଜୀବନୀ ଏବଂ ସ୍ୱାଧୀନତା ସଂଗ୍ରାମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ଗାଁ ଏବଂ କୁରାଳ ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ପାଳନ ହେବାକୁ ଥିବା ଏହି ଜୟନ୍ତୀ ସମାରୋହରେ ସଦସ୍ୟମାନେ ଗାଁକୁ ଗାଁ ବୁଲି ଶ୍ରୀଅରବିନ୍ଦଙ୍କ ବାଣୀ ଓ ତାଙ୍କ ସ୍ୱପ୍ନ ସମ୍ପର୍କରେ ସନ୍ଦେଶ ପହଞ୍ଚାଇବାକୁ ଉଦ୍ୟମ କରିବେ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ରବୀନ୍ଦ୍ର କୁମାର ପଟ୍ଟନାୟକ, ଯଶୋବନ୍ତ ପଟ୍ଟନାୟକ, ପୀତବାସ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

**ପୋଷାକ ପାଇଁ ଶିକ୍ଷକ ଅଟକ**

**ନୟାଗଡ଼ ଅଫିସ,୧୬।୮**

ପୋଷାକ ପାଇଁ ନୟାଗଡ଼ ବ୍ଲକ ବରପଲ୍ଲୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ମୁଖ୍ୟ ଫାଟକରେ ରବିବାର ଅଗଷ୍ଟ ୧୫ରେ ତାଲା ପକାଇ ଶିକ୍ଷକଙ୍କୁ ଅଟକ ରଖି ଧାରଣା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ହସ୍ତକ୍ଷେପ ପରେ ଧାରଣା ହଟିଥିଲା। ମିଳିଥିବା ସୂଚନା ଅନୁସାରେ, କରୋନା ଯୋଗୁ ସ୍କୁଲ ପ୍ରାୟ ଦେଢ଼ବର୍ଷ ହେଲା ବନ୍ଦ ରହିଛି। ଏଭଳିସ୍ଥଳେ କେତେଜଣ ଛାତ୍ରୀଛାତ୍ର ମାଗଣା ପୋଷାକ ପାଇ ନ ଥିଲେ। ସ୍କୁଲ ପକ୍ଷରୁ ସେମାନଙ୍କୁ ଦିଆଯିବ କହି ଦିଆଯାଉ ନ ଥିଲା। ଶିକ୍ଷକମାନେ ସ୍କୁଲରେ ପହଞ୍ଚିବା ପରେ ଛାତ୍ରୀଛାତ୍ର ପ୍ରତିବାଦ କରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ବିଭୂତି ସାହୁ କୁହନ୍ତି, ଶିକ୍ଷକଙ୍କୁ ଅଟକ ରଖି ପିଲାମାନେ ଫାଟକରେ ତାଲା ପକାଇବା ପଛରେ କେତେଜଣ ବ୍ୟକ୍ତି ଅଛନ୍ତି। ଏମାନଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଯେଉଁ ଛାତ୍ରୀଛାତ୍ର ପୋଷାକ ପାଇନାହାନ୍ତି ସେମାନଙ୍କୁ ପୋଷାକ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**ବ୍ରହ୍ମପୁର ଅଫିସ,୧୬।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପ୍ରଥମ ବର୍ଷ ଅଫ୍‌ଲାଇନ୍ ପାଠପଢ଼ା କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ସୋମବାର ଆରମ୍ଭ ହୋଇଛି। ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହେବାର ପ୍ରଥମ ଦିନରେ କମ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ପଢା ଆରମ୍ଭ ହୋଇଛି। ପ୍ରବେଶ ପୂର୍ବରୁ ମୁଖ୍ୟଫାଟକ ନିକଟରେ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସେହିଭଳି ୧୪ ତାରିଖରୁ ସମସ୍ତ ହଷ୍ଟେଲ ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ୬୦ ଛାତ୍ର ପହଞ୍ଚିଛନ୍ତି। ସୋମବାର ମେସ୍ ଖୋଲାଯାଇଥିବା ୱାର୍ଡେନ୍ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। ସେହିପରି ଛାତ୍ରୀ ନିବାସରେ ୧୫ ଛାତ୍ରୀ ପହଞ୍ଚିଛନ୍ତି। ଅପରାହ୍ନଠାରୁ ମେସ ଆରମ୍ଭ କରାଯିବ ବୋଲି ୱାର୍ଡେନ ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟ କହିଛନ୍ତି। ଏ ନେଇ ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ସୋମବାରରୁ ଅଫ୍‌ଲାଇନ୍ ପାଠପଢ଼ା ଆରମ୍ଭ ହୋଇଛି। କମ୍ ସଂଖ୍ୟକ ଛାତ୍ରୀଛାତ୍ରରେ ମଧ ପଢ଼ା ହୋଇଛି। ସେହିଭଳି ଚଳିତ ୨୩ ତାରିଖରୁ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଚାଲିବ।

## ଟିକରପଡ଼ା ନୋଡାଲ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର



ପ୍ରଧାନ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୧୬।୮**

ସ୍ୱାଧୀନତା ଦିବସ ଅବସରରେ ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ାସ୍ଥିତ ସରକାରୀ ନୋଡାଲ ହାଇସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବନ ସଂରକ୍ଷକ ଅମ୍ଲାନ ନାୟକ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବେହେରା ଓ ଏ. ମାଧବୀ ଲତା ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ନିମନ୍ତେ ଏହି ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ମହାରଣା ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ।

# ପଞ୍ଚାୟତ ସମିତି ପାଇଁ ଦାବି ରଖିଲେ ଶରଣକୁଳବାସୀ

**ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ସ୍ମାରକପତ୍ର**

**ନୟାଗଡ଼ ଅଫିସ,୧୬।୮**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ୩୬ ପଞ୍ଚାୟତ ମଧ୍ୟରୁ ୧୮ ପଞ୍ଚାୟତକୁ ପୃଥକ୍ କରି ଶରଣକୁଳରେ ପଞ୍ଚାୟତ ସମିତି ଗଠନ କରିବାକୁ ଦାବି ଉଠିଛି। ଏ ନେଇ ଶରଣକୁଳରେ ରବିବାରରେ ଏକ ସଭା କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଶରଣକୁଳରେ ପଞ୍ଚାୟତ ସମିତି କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଦାବି ଅନୁସାରେ ୧୮ ପଞ୍ଚାୟତ ରଣପୁର ବିଧାନସଭା ନିର୍ବାଚନରେ ଯାଉଛି। ଏହାର ଲୋକ ସଂଖ୍ୟା ୭୫ ହଜାର। ଭୌଗୋଳିକ ଦୃଷ୍ଟି କୋଣରୁ ଓଡ଼ଗାଁ ବ୍ଲକ ଏକତରଫା ଭାବେ ଅବସ୍ଥିତି ଯୋଗୁ ୧୮ ପଞ୍ଚାୟତ ଅଞ୍ଚଳ ଉପେକ୍ଷିତ ହୋଇ ରହୁଛି। ବ୍ଲକରେ କିଛି କାମ ପଡିଲେ ଦୂର ଯୋଗୁ ପଞ୍ଚାୟତର ଲୋକ ହଇରାଣ ହେଉଛନ୍ତି। ଶରଣକୁଳରେ ଲଡୁବାବାଙ୍କ ମନ୍ଦିର, ଭୁବନେଶ୍ୱର ଭଞ୍ଜନଗର ରାଜ୍ୟ ମୁଖ୍ୟ ସଡ଼କର ପାର୍ଶ୍ୱବର୍ତ୍ତୀରେ ରହିଛି। ୧୯୯୩ରୁ ଏଠାରେ ପଞ୍ଚାୟତ ସମିତି ଗଠନ କରିବାର ଦାବି ହୋଇଆସୁଛି। ଶରଣକୁଳରେ ପଞ୍ଚାୟତ ସମିତି ସ୍ଥାପନ କରିବାର ପ୍ରସ୍ତାବ ୧୯।୬।୧୯୯୩ରେ ଓଡ଼ଗାଁ ପଞ୍ଚାୟତ ସମିତି ବୈଠକରେ ପାରିତ ହୋଇଥିଲା। ପରେ ତତ୍କାଳିନ ଜିଲାପାଳ ପତ୍ରାଙ୍କ ସଂଖ୍ୟା ୧୪୯୦/୧।୧୨।୧୯୯୩ରେ ଶରଣକୁଳରେ ପଞ୍ଚାୟତ ସମିତିର ପ୍ରସ୍ତାବ ସରକାରଙ୍କୁ ଦେଇଥିଲେ। ବିକ୍ରମ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ସଭ୍ୟ ସନ୍ନ୍ୟାସି ପ୍ରଧାନ, ସୁବାସ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ, ସରପଞ୍ଚ, ସିମତି ସଭ୍ୟ, ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

# ଖାଦ୍ୟ ରଥ ବାଣ୍ଟିବ ମାଗଣା ଭୋଜନ

### ଅସହାୟ, ଗରିବ ଭୋକିଲା ହେବେ ଉପକୃତ

**ନୟାଗଡ଼ ଅଫିସ,୧୬।୮**

ନୟାଗଡ଼ ଭଲ୍ୟୁଣ୍ଟାରୀ ଫୋରମ ପକ୍ଷରୁ ଏକ ଖାଦ୍ୟ ରଥ ନୟାଗଡ଼ ସହରରେ ଅଗଷ୍ଟ ୧୫ରୁ ପରିକ୍ରମା ଆରମ୍ଭ କରିଛି। ଏହାକୁ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ସେପାଲିଷ୍ଟ ସିଦ୍ଧାର୍ଥ ଦାଶ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଅକ୍ଷୟ ପଟ୍ଟନାୟକ, ସୁଷମା ମଞ୍ଜରୀ ପଟ୍ଟନାୟକ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ରଥ ଶନିବାର, ରବିବାର ସକାଳ ଓ ସନ୍ଧ୍ୟାରେ ନୟାଗଡ଼ ସହର ପରିକ୍ରମା କରି ଗରିବ ଓ ଅସହାୟ ଲୋକଙ୍କୁ ମାଗଣା ଖାଦ୍ୟ ବାଣ୍ଟିବ। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ପୁଣି ମାଗଣା ଖାଦ୍ୟ ବାଣ୍ଟିବ। ପୂର୍ବରୁ ଭଲ୍ୟୁଣ୍ଟାରୀ ଫୋରମ ପକ୍ଷରୁ ବାଇକ୍ ଯୋଗେ ମାଗଣା ରନ୍ଧା ଖାଦ୍ୟ ପ୍ରାୟ ୨ବର୍ଷ ହେଲା ଯୋଗାଇ ଦିଆଯାଉଛି। ଭଲ୍ୟୁଣ୍ଟାରୀ ଫୋରମ ପକ୍ଷରୁ ଚିକୁ ପଟ୍ଟନାୟକ, ସନ୍ତୋଷ ଷଡଙ୍ଗୀ, ବିଭୂତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ନୟାଗଡ଼ରେ ବାହାରିଥିବା ଖାଦ୍ୟ ରଥ।

# କରୋନା ଉପରେ ସଚେତନ କରାଇଲେ ଜିଲାପାଳ

**ନୟାଗଡ଼ ଅଫିସ,୧୬।୮**

ନୟାଗଡ଼ସ୍ଥିତ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍)ପଡ଼ିଆଠାରେ ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ପୋମା ଟୁଡୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ଉଦ୍‌ବୋଧନରେ କହିଥିଲେ, ଯେଉଁ ବରପୁତ୍ରମାନେ ନିଜର ଅସୀମ ତ୍ୟାଗ ଓ ଆତ୍ମବଳି ପ୍ରତିଦାନରେ ଆମ ପାଇଁ ସ୍ୱାଧୀନତା ଆଣିଛନ୍ତି, ସେମାନେ ଆମର ଚିର ନମସ୍ୟ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ତଥା ନୟାଗଡ଼ର ଅବଦାନ କମ ନ ଥିଲା। ନୟାଗଡ଼ ଜିଲାର ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କର ବୀରତ୍ୱପୂର୍ଣ୍ଣ ସଂଗ୍ରାମକୁ ମନେ କରି ନିଜକୁ ଗୌରବାନ୍ୱିତ ମନେ କରୁଛି। ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ବିଶେଷ କରି ନୟାଗଡ଼ ଜିଲାର ରଘୁନାଥ ମହାନ୍ତି, ଦିବାକର ପରିଡ଼ା , ଅର୍ଜୁନ ରାଉତ, କଣ୍ଟି ଡାକୁଆ, ଆନନ୍ଦ ଚନ୍ଦ୍ର ସ୍ୱାଇଁ, କସ୍ତୁରୀ ପରିଡ଼ା, ଦୟା ବେହେରା, ଲିଙ୍ଗା ନାହାକ, ଶୁକ୍ରୁ ବେହେରା, ବାଞ୍ଛାନିଧି ସେନାପତି ଓ ଗତି ମଙ୍ଗରାଜ ପରି ସୁଯୋଗ୍ୟ ସନ୍ତାନମାନେ ଦେଶମାତୃକାର ସ୍ୱାଧୀନତା ପାଇଁ ବଳିଦାନ ଦେଇଛନ୍ତି। କରୋନା ଭଳି ଏକ ମହାମାରୀ ଆମ ସମସ୍ତଙ୍କୁ କବଳିତ କରିଛି। ଏହି ମହାମାରୀକୁ ନୟାଗଡ଼ ଜିଲାରୁ ହଟେଇବା ପାଇଁ ଡାକ୍ତର, ଆଶା, ଅଙ୍ଗନବାଡ଼ି କର୍ମୀ, ପୋଲିସ, ସଫେଇ କର୍ମଚାରୀ, ସରପଞ୍ଚ ଓ ଜନପ୍ରତିନିଧିଙ୍କ ଅବଦାନ ଅତୁଳନୀୟ। କରୋନା ମହାମାରୀ ସମୟରେ ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରରେ ଅଗ୍ରଗତି କରିଛି। କୃଷିର ଉନ୍ନତି ପାଇଁ ଜିଲା ପ୍ରଶାସନ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି। ଯାହା ଫଳରେ ଛତୁ, ମାଛ ଓ ପରିବା ଚାଷରେ ଜିଲା ଅଗ୍ରଗତି କରିଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ କୋଭିଡ୍ ହସ୍ପିଟାଲମାନ ସ୍ଥାପନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇଏସଓ ସାର୍ଟିଫିକେଟର ମାନ୍ୟତା ପାଇଛି। ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଛି। ଶିକ୍ଷାର ମାନବୃଦ୍ଧି ପାଇଁ ଜଲାରେ ୮ଗୋଟି ସ୍କୁଲର ଭିତ୍ତିପ୍ରସ୍ତର ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯାଇଛି। ତେବେ କରୋନା ଯୋଗୁ ଆମେ ଏକ ସମ୍ବେଦନଶୀଳ ଅବସ୍ଥା ଦେଇ ଗତି କରୁଛୁ। କରୋନା ଭୟ ଏବେ ମଧ ଯାଇନାହିଁ। ତେଣୁ ଆମେ ସମସ୍ତେ, ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ସଚେତନ ରହିବା, ଘରେ ରହିବା ଏବଂ ସୁସ୍ଥ ରହିବା। ଏହି ଅବସରରେ ଭୋର ସାଢ଼େ ୪ଟାରେ ରାମଧୁନ କରାଯାଇଥିଲା। ପୂର୍ବାହ୍ନ ୭ ଘଟିକାରୁ ସାଢ଼େ ୭ଟା ମଧ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ତ୍ରିନାଥ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲ।




ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ପୋମା ଟୁଡୁ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ**